# ‘ଆତ୍ମହତ୍ୟା ବିଫଳତା, ସଂଘର୍ଷ ହିଁ ସଫଳତା’

**ବଲାଙ୍ଗୀର ଅଫିସ,୨୧।୪**

**ଆତ୍ମହତ୍ୟା ଓ ଜୀବନ ଶୀର୍ଷକ ଆଲୋଚନାଚକ୍ର**

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ଏବଂ ମାହେଶ୍ୱରୀ ସଙ୍ଗଠନର ମିଳିତ ଆୟୋଜନକ୍ରମେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଶୁକ୍ରବାର ଅପରାହ୍ଣରେ ଆତ୍ମହତ୍ୟା ଓ ଜୀବନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଫଳତା ଭୟରେ ଆତ୍ମହତ୍ୟା ଗ୍ରହଣୀୟ ନୁହେଁ । ବରଂ ସଂଘର୍ଷ ସଫଳତା ଆଣିଦିଏ ବୋଲି ଆଲୋଚକମାନେ ମତପ୍ରକାଶ କରିଥିଲେ। ଆଲୋଚକ ଭାବେ ବଲାଙ୍ଗୀର ଏସ୍‌ପି ନିତିନ କୁଶଲକର, ବରିଷ୍ଠ ଆଇନଜୀବୀ ପ୍ରମୋଦ ମିଶ୍ର, ବଲାଙ୍ଗୀର ତହସିଲଦାର ଡ. ପୁଷ୍ପାଞ୍ଜଳି ପଣ୍ଡା, ସାମ୍ବାଦିକ ମନୋରଞ୍ଜନ ଯୋଷୀ, ଭୁବନେଶ୍ୱରର ଏକ ଘରୋଇ ହସପିଟାଲ ଡାକ୍ତର ଅଙ୍କିତା ପରିଚ୍ଛା ଯୋଗ ଦେଇଥିଲେ। ବଲାଙ୍ଗୀର ଏସ୍‌ପି କୁଶଲକର ଆତ୍ମହତ୍ୟାର କାରଣ ଏବଂ ସାମାଜିକ ଦିଗ ଉପରେ ଆଲୋଚନା କରିଥିଲେ। ତହସିଲଦାର ଡ. ପଣ୍ଡା ଜୀବନରେ ସଂଘର୍ଷ ବିନା ସଫଳତା ନାହିଁ ବୋଲି କହିବା ସହ ଆତ୍ମହତ୍ୟାର କାରଣ ଓ ନିରାକରଣ ଉପରେ କହିଥିଲେ। ବରିଷ୍ଠ ଆଇନଜୀବୀ ମିଶ୍ର ମାନସିକ ସ୍ତରକୁ ଯଦି କେହି ଉଚ୍ଚକୁ ନେଇ ଜୀବନର ସୁନ୍ଦରତା ଓ ମାଧୁର୍ଯ୍ୟକୁ ବୁଝିବ ତାହେଲେ ସେ କେବେ ଆତ୍ମହତ୍ୟା କରିବ ନାହିଁ ବୋଲି କହିଥିଲେ। ସାମ୍ବାଦିକ ଯୋଷୀ ଭାରତୀୟ ସଂସ୍କୃତିରେ ସବୁଥିର ସମାଧାନ ରହିଛି। ସଂଘର୍ଷ ହିଁ ସଫଳତାର ଚାବି କାଠି ବୋଲି କହିଥିଲେ। ଆଲୋଚକ ଡା ପରିଚ୍ଛା ବିଭିନ୍ନ ପ୍ରକାର ମାନସିକ ରୋଗ ଓ ଏହାଦ୍ୱାରା କେମିତି ଆତ୍ମହତ୍ୟା ରୋକାଯାଇପାରିବ ସେ ସଂପର୍କରେ କହିଥିଲେ। ଆଲୋଚନା ପରେ ବିଭିନ୍ନ ଅନୁଷ୍ଠାନରୁ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନେ ବକ୍ତାଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଜିଲା ସାମ୍ବାଦିକ ସଂଘ ସଭାପତି ଶିବପ୍ରସାଦ ପରିଡା ସ୍ୱାଗତ ଭାଷଣ ଦେଇଥିଲେ । ମାହେଶ୍ୱରୀ ସଙ୍ଗଠନ ମହିଳା ଶାଖାର ବିଷ୍ଣୁପ୍ରିୟା ପାଣି ଆଲୋଚନାଚକ୍ର ପରିଚାଳନା କରିଥିଲେ। ମାହେଶ୍ୱରୀ ସଙ୍ଗଠନ ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ।

# ପିଇବା ପାଣି ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ

**ବଲାଙ୍ଗୀର ଅଫିସ, ୨୧।୪**

**ବଲାଙ୍ଗୀର ଜିଲା ପରଷଦ ବୈଠକ**

- ବୈଠକ ଅଧାରୁ ଉଠିଗଲେ ନରସିଂହ
- ମାଠିଆ ଧରି ପ୍ରତୀକାତ୍ମକ ବିରୋଧ କଲେ ଭାଜପା ଜିଲା ପରିଷଦ ସଦସ୍ୟା
- କିଡ୍‌ନୀ ରୋଗପ୍ରବଣ ଅଞ୍ଚଳର ପାନୀୟ ଜଳ ବ୍ୟବସ୍ଥା ସୁଧାରିବାକୁ କହିଲେ ମୁକେଶ
- ୫-ଟି ବକେୟା ଟଙ୍କା ଶୀଘ୍ର ଦେବାକୁ ଦାବି କଲେ ସନ୍ତୋଷ ସିଂ ସାଲୁଜା



ଜିଲା ପରିଷଦ ବୈଠକରେ ଉପସ୍ଥିତ ଜନପ୍ରତିନିଧି, ସଦସ୍ୟା ସଦସ୍ୟ ଏବଂ ଅଧିକାରୀ।

ସ୍ଥାନୀୟ ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ବଲାଙ୍ଗୀର ଜିଲା ପରିଷଦ ବୈଠକ ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜ୍ୟସଭା ଏମ୍‌ପି ନିରଞ୍ଜନ ବିଶି, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ଡ଼. ମୁକେଶ ମହାଲିଙ୍ଗ, ଜିଲାପାଳ ଚଞ୍ଚଳ ରାଣା, ଜିଲା ପରିଷଦ ଉପାଧକ୍ଷା ମିଥିଳା ମାଝି, ଜଳସମ୍ପଦ ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକାଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ବଲାଙ୍ଗୀର ଲୋକସଭା ଏମ୍‌ପିଙ୍କ ପ୍ରତିନିଧି ମାଧବ କୁମାର ସାଏ, ଡିଏଫଓ ନିତିଶ କୁମାର, ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଡ଼. ଗୁଣନିଧି ନାୟକ, ବଲାଙ୍ଗୀର ଉପଜିଲାପାଳ କୁମାର ନାଗଭୂଷଣ, ପାଟଣାଗଡ ଉପଜିଲାପାଳ ଡ଼. ବିଜୟାନନ୍ଦ ସେଠୀଙ୍କ ସମେତ ଜିଲା ପରିଷଦର ସଭ୍ୟାସଭ୍ୟ , ପଞ୍ଚାୟତ ସମିତି ଅଧକ୍ଷା, ଅଧକ୍ଷ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ସଂସ୍ଥା ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରୁ ଜିଲାରେ ପିଇବା ପାଣି ଏବଂ ପରିମଳ ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ ଏବଂ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲାରେ ସୁଚାରୁ ରୂପେ ପିଇବା ପାଣି ମିଳୁ ନ ଥିବା ଏବଂ ପ୍ରକଳ୍ପଗୁଡିକରେ ଘୋର ଦୁର୍ନୀତି ହୋଇଥିବା ଆଲୋଚନାର ବିଷୟ ହୋଇଥିଲା।ବୈଠକର ପ୍ରଥମ ଏଜେଣ୍ଡା ପିଇବା ପାଣି ଏବଂ ପରିମଳ ବିଭାଗ ଉପରେ ଆଲୋଚନା ଚାଲିଥିବା ବେଳେ ଜିଲା ପରିଷଦ ଅଧକ୍ଷା ସାହୁ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲାକୁ ପିଇବା ପାଣି ଯୋଗାଣ ପାଇଁ ଅଧିକ ଅନୁଦାନ ଦେଇଥିବା ବିଷୟକୁ ନେଇ ଧନ୍ୟବାଦ ପ୍ରସ୍ତାବ ଆଣିବାରୁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବୈଠକ ଅଧାରୁ ଉଠି ଆସିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ବିଧାୟକ ମିଶ୍ର କହିଥିଲେ ଯେ, ପିଇବା ପାଣି ଅବ୍ୟବସ୍ଥାକୁ ନେଇ ଦଳମତ ନିର୍ବିଶେଷରେ ସମସ୍ତ ସଦସ୍ୟ ଉଦ୍‌ବେଗ ଏବଂ ଅସନ୍ତୋଷ ପ୍ରକାଶ କରିବା ସତ୍ତ୍ୱେ ଜିଲା ପରିଷଦ ଅଧକ୍ଷା ଧନ୍ୟବାଦ ପ୍ରସ୍ତାବ ଆଣିବାରୁ ସେ ବୈଠକରୁ ଉଠି ଆସିଥିଲେ ବୋଲି କହିଥିଲେ। ସେହିପରି ବେଲପଡା ବ୍ଲକ ଅନ୍ତର୍ଗତ ଦୁଇ ଭାଜପା ଜିଲା ପରିଷଦ ସଦସ୍ୟା ଅନିମା ଦାସ ଓ ଶବ୍ଦ ମିର୍ଦ୍ଧା ଦୁଇଟି ମାଠିଆ ଧରି ଜିଲା ପରିଷଦ ବୈଠକକୁ ପଶି ପ୍ରତୀକାତ୍ମକ ଭାବେ ବିରୋଧ କରିଥିଲେ। ବେଲପଡା ବ୍ଲକର ଗାଁ ଗାଁରେ ପାଣି ସମସ୍ୟା ଲାଗି ରହିଛି। ପାଣି ଯୋଗାଣ ନାଁରେ କିଛି କାମ ହେଉନାହିଁ। କେବଳ ଦୁର୍ନୀତି ଚାଲିଛି ଅଭିଯୋଗ କରି ସେମାନେ ଅଭିନବ ପ୍ରତିବାଦ ଜଣାଇଥିଲେ। ଏନେଇ ବୈଠକ ପରେ ଜିଲାପାଳ ରାଣାଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ଯେଉଁଠାରେ କିଛି ସମସ୍ୟା ରହିଛି ତାହା ସମାଧାନ କରାଯିବ। ରାଜ୍ୟ ସରକାର ପାଣି ଯୋଗାଣ ପାଇଁ ଅନୁଦାନ ଯୋଗାଇଛନ୍ତି। ଆଉ କିଛି ମାସ ମଧ୍ୟରେ ପାଣି ଯୋଗାଣ ଅବସ୍ଥା ସୁଧୁରିବ ବୋଲି କହିଥିଲେ। ବୈଠକରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ପାନୀୟ ଜଳ ଅବ୍ୟବସ୍ଥା ଏବଂ ୫-ଟି ସ୍କୁଲର ବକେୟା ଟଙ୍କା ଉପରେ ଆଲୋଚନା କରି ଉଦ୍‌ବେଗ ପ୍ରକାଶ କରିଥିଲେ। ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ଜିଲାର ପାନୀୟ ଜଳ ଅବ୍ୟବସ୍ଥା ଉପରେ ଆଲୋକପାତ କରିବା ସହ ଜିଲାର କିଡ୍‌ନୀ ରୋଗବହୁଳ ଅଞ୍ଚଳରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରା ନ ଯିବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲା ପରିଷଦ ଅଧକ୍ଷା ଅନୁଦାନ ପାଇଁ କେବଳ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବାରୁ ପ୍ରଧାନମନ୍ତ୍ରୀଙ୍କୁ ମଧ ଧନ୍ୟବାଦ ଦେବାକୁ କହି ବସୁଧା ଯୋଜନାର ଷ୍ଟାଟସ କ’ଣ ବୋଲି ପ୍ରଶ୍ନ କରିଥିଲେ। ବୈଠକରେ ବ୍ଲକ ଅଧକ୍ଷା, ଅଧକ୍ଷ, ଜିଲା ପରିଷଦ ସଦସ୍ୟା ସଦସ୍ୟ ପାନୀୟ ଜଳ ଯୋଗାଣ ଅବ୍ୟବସ୍ଥାକୁ ନେଇ ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାସହିତ ମିଲେଟ ମିଶନର କାର୍ଯ୍ୟକାରିତା, ପ୍ରାଥମିକ ଶିକ୍ଷା ଅବ୍ୟବସ୍ଥା, ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ପୂରଣ, ଜାଲ ସାର୍ଟିଫିକେଟ ବିଷୟରେ ଆଲୋଚନା ହୋଇଥିଲା।



ବେଲପଡା ବ୍ଲକର ଦୁଇ ଭାଜପା ଜିଲା ପରିଷଦ ସଦସ୍ୟା ମାଠିଆ ଧରି ଅଭିନବ ପ୍ରତିବାଦ କରିବା ସହ ଜିଲା ପରିଷଦ ବୈଠକକୁ ଆସୁଛନ୍ତି।




# ବ୍ଲକ ଅଧକ୍ଷଙ୍କୁ ବିଡିଓଙ୍କ ଅଣଦେଖା ଅଭିଯୋଗ

**ଭବାନୀପାଟଣା,୨୧।୪(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ବିଭିନ୍ନ ବ୍ଲକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ନିର୍ବାଚିତ ବ୍ଲକ ଅଧକ୍ଷମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ବ୍ଲକ ଅଧକ୍ଷଙ୍କୁ ଅନ୍ଧାରରେ ରଖି ବିଡ଼ିଓମାନେ ବିଭିନ୍ନ ନିଷ୍ପତ୍ତି ନେଉଥିବା କଳାହାଣ୍ଡି ବ୍ଲକ ଅଧକ୍ଷ ସଂଘ ଅଭିଯୋଗ କରିଛି। ଏ ନେଇ କଳାହାଣ୍ଡି ବ୍ଲକ ଅଧକ୍ଷ ସଂଘ ସଭାପତି ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡିଙ୍କୁ ଏକ ଲିଖିତ ଅଭିଯୋଗ ଦିଆଯିବା ସହ ଆଗାମୀ ୧୫ ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି। ଜିଲାର ଅନେକ ବ୍ଲକରେ ଅଧକ୍ଷ ମାନଙ୍କୁ ବିଡ଼ିଓମାନେ ସହଯୋଗ କରୁନାହାନ୍ତି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଛନ୍ତି। ଯାହାଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟରେ ବାଧା ଉପୁଜୁଛି। ବ୍ଲକ ଅଧକ୍ଷମାନଙ୍କୁ ଅନ୍ଧାରରେ ରଖି ନିର୍ଦ୍ଦିଷ୍ଟ କେତେଜଣ ଠିକାଦାରଙ୍କ କଥାରେ ବିଭିନ୍ନ ପ୍ରକଳ୍ପ ଅନୁମୋଦିତ କରୁଛନ୍ତି। ଏହା ଦ୍ୱାରା କେବଳ ବିଡ଼ିଓ ଏବଂ ଠିକାଦାରଙ୍କ ଲାଭ ହେଉଛି ସିନା ପ୍ରକଳ୍ପ ଅନୁମୋଦିତ ଅଞ୍ଚଳର ଲୋକେ କିଛି ସୁଫଳ ପାଉନାହାନ୍ତି। ବ୍ଲକକୁ ଆସୁଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ନିଜକୁ ସୁହାଇଲା ଭଳି ଠିକାଦାରଙ୍କୁ କାମ ଯୋଗାଇବା ଉଦ୍ଦେଶ୍ୟରେ ମୋଟ କାମର ୪୦ପ୍ରତିଶତ କାମ ନେବାକୁ ଦାବି କରୁଛନ୍ତି। ଏପରିକି ବ୍ଲକ ଅଧକ୍ଷଙ୍କ ବିନା କାଉଣ୍ଟର ଦସ୍ତଖତରେ ମଧ ବିଲ୍ କରାଯାଉଥିବା ସଂଘ ଅଭିଯୋଗ କରିଛି। ଏହି ଅଚଳାବସ୍ଥା ଆଗାମୀ ୧୫ ଦିନ ମଧ୍ୟରେ ସମାଧାନ ନ ହେଲେ ଅଧକ୍ଷ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଏହା ସହ ବ୍ଲକ ଅଞ୍ଚଳ ପରିଦର୍ଶନ ପାଇଁ ୧୦୦ ଲିଟର ଡିଜେଲ, ମାସିକ ୩୫୦୦ଟଙ୍କା ଭତ୍ତା ବଦଳରେ ୩୦ହଜାର ଟଙ୍କା,୫-ଟି ଅଧିନରେ ହେଉଥିବା କାର୍ଯ୍ୟର ଅନୁଦାନ ରାଶି ବ୍ଲକ ଆକାଉଣ୍ଟରେ ଜମା ଆଦି ଦାବି ନେଇ ବ୍ଲକ ଅଧକ୍ଷ ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ଜୁନାଗଡ଼ ବ୍ଲକ ଅଧକ୍ଷା ସବିତା ମେହେର, ଲାଞ୍ଜିଗଡ ଅଧକ୍ଷା କମଳା ପାତ୍ର, ଥୁଆମୂଳ ରାମପୁର ଅଧକ୍ଷ ଦୟାନିଧି ମାଝୀ, ଧର୍ମଗଡ଼ ବ୍ଲକ ଅଧକ୍ଷା ବବିତା ପାଢୀଯୋଷୀ, କର୍ଲାମୁଣ୍ଡା ଅଧକ୍ଷା କୁନି ସାହୁ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



ବ୍ଲକ ଅଧକ୍ଷ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।




## ବିଦ୍ୟାଳୟ ପରିଚାଳନା, ଉନ୍ନୟନ କମିଟି ବୈଠକ

**ଖଡ଼ିଆଳ,୨୧।୪(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ପ୍ରଥମ ଅଭିଭାବକ ଶିକ୍ଷୟିତ୍ରୀ ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ ଭୋଇ ଓ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ଅଧକ୍ଷ ସମ୍ରାଟ ପାତ୍ର ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ ସ୍ୱାଗତ ସମ୍ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।









## ନେତାଜୀ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

**ସୋନପୁର,୨୧।୪(ନି.ପ୍ର.):** ସୋନପୁର ଟାଉନ ହଲରେ ନେତାଜୀ ପବ୍ଲିକ ସ୍କୁଲର ୨୦ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ପ୍ରତ୍ୟୁଷ ରଞ୍ଜନ ମିଶ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଡ. ଜ୍ୟୋତି ରଞ୍ଜନ ବହିଦାର ଯୋଗଦେଇ ନୈତିକ ଶିକ୍ଷାଦାନ ସହ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କିପରି ସମ୍ପର୍କ ରଖାଯାଇ ପାରିବ ସେନେଇ ମତପ୍ରକାଶ କରିଥିଲେ। ସ୍କୁଲର ସମ୍ପାଦକ ତଥା ଆଇନଜୀବୀ ପ୍ରଦୀପ ପୁରୋହିତ ତାଙ୍କ ବକ୍ତବ୍ୟରେ କହିଥିଲେ, ଏହି ସ୍କୁଲ ନିରବଚ୍ଛିନ୍ନ ଭାବରେ ଶୃଙ୍ଖଳାର ସହ ଶିକ୍ଷାଦାନ ଦେବା କିଛି କମ କଥା ନୁହେଁ। ଶିକ୍ଷାଦାନ ପରେ ବି ଉକ୍ତ ସ୍କୁଲରେ ପାରିବାରିକ ଭାବରେ ଅଭିଭାବକ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସୁସମ୍ପର୍କ ରହିଥାଏ ବୋଲି ମତପ୍ରକାଶ କରିଥିଲେ। ଛାତ୍ର ଶିବାଷିଶ ମିଶ୍ର ଏବଂ ଛାତ୍ରୀ କ୍ରିଷ୍ଣା ମେହେର ,ସନ୍ତୋଷିନୀ ମେହେର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସ୍କୁଲର ଅଧ୍ୟକ୍ଷା ସବିତା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ ହୋଇଥିଲା।

## ୧୧ କେଭି ଫିଡର ଉଦ୍‌ଘାଟିତ

**ବୌଦ୍ଧ,୨୧।୪(ସ୍ୱ.ପ୍ର.):** ପ୍ରତିବର୍ଷ ମହାନଦୀରେ ବନ୍ୟା ଆସିବା ସମୟରେ ହରଭଙ୍ଗା ବ୍ଲକର ଧଳପୁର ପଞ୍ଚାୟତବାସୀ ଦିନ ଦିନ ଧରି ବିଦ୍ୟୁତ୍ କାଟର ଶିକାର ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରି ଆସୁଥିଲେ। ବୌଦ୍ଧ ବିଧାୟକ ତଥା ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କ ଉଦ୍ୟମକ୍ରମେ ଶକ୍ତି ବିଭାଗର ଟିପିଏସଓଏଲ ପକ୍ଷରୁ ୧୧ କେଭି ଫିଡର ସ୍ଥାପନ କରାଯାଇ ଧଳପୁର ପଞ୍ଚାୟତବାସୀଙ୍କ ଏହି ସମସ୍ୟାର ସ୍ଥାୟୀ ସମାଧାନ କରାଯାଇପାରିଛି। ତିଳେଶ୍ୱର ପଞ୍ଚାୟତର ଖଣ୍ଡହତା ଗ୍ରାମ ନିକଟରେ ଏହି ୧୧ କେଭି ଫିଡର ଲାଇନକୁ ମୁଖ୍ୟଅତିଥି ମନ୍ତ୍ରୀ ଅମାତ ଶୁକ୍ରବାର ଲୋକାର୍ପିତ କରିଛନ୍ତି । ଏହି ଫିଡର ସ୍ଥାପନ ଦ୍ୱାରା ଧଳପୁର ପଞ୍ଚାୟତର ୯୦ ପ୍ରତିଶତ ଲୋକ ଉପକୃତ ହେବା ସହିତ ସେମାନଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ ହୋଇପାରିଥିବା ମନ୍ତ୍ରୀ ଅମାତ ପ୍ରକାଶ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲାପାଳ ସତ୍ୟରଞ୍ଜନ ସାହୁ ଯୋଗ ଦେଇଥିଲେ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଟିପିଏସଓଏଲ ପକ୍ଷରୁ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ରାଉତ, ଇଂ.ନରେଶ ଚନ୍ଦ୍ର ଆଚାର୍ଯ୍ୟ, ଇଂ. ଦୀପକ କୁମାର ସାହୁ ଓ ଇଂ.ରଞ୍ଜନ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।




# ମିଳିତ ଅମଲା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




ଅମଲାମାନେ ଦାବିପତ୍ର ପ୍ରଦାନ ପାଇଁ ଯାଉଛନ୍ତି।

**ବୌଦ୍ଧ,୨୧।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲା ମିଳିତ ଅମଲା ମଞ୍ଚ ପକ୍ଷରୁ ଗ୍ରେଡପେ ବୃଦ୍ଧି ଦାବିରେ ଶୁକ୍ରବାର ଦିନ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ବୌଦ୍ଧ ଜିଲାର ଶତାଧିକ ଅମଲା ଏକ ବିରାଟ ଶୋଭାଯାତ୍ରାରେ ସର୍କିଟ ହାଉସ ଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ଅତିରିକ୍ତ ଜିଲାପାଳ ବବିତାରଣୀ ଦଳବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଜିଲାସ୍ତରୀୟ କନିଷ୍ଠ ସହାୟକଙ୍କ ଦରମା ଗ୍ରେଡପେ ୪୨ଶହ, ଲେବଲ ୯ ଦାବି କରି ଆସୁଥିଲେ ହେଁ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଫଳରେ ଆନ୍ଦୋଳନ କରିବାକୁ ଅମଲାମାନେ ବାଧ୍ୟ ହେଉଥିବା ନେଇ ଅଭିଯୋଗ କରିଛନ୍ତି । ଯଦି ଏପ୍ରିଲ ମାସ ଶେଷ ସୁଦ୍ଧା ସରକାର ଦାବି ପୂରଣ ନ କରନ୍ତି ତାହାଲେ ଜିଲାର ସମସ୍ତ ଅମଲା ରାଜ୍ୟସ୍ତରୀୟ ମିଳିତ ଅମଲା ସଂଘର ନିର୍ଦ୍ଦେଶ କ୍ରମେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ । ଜିଲା ମିଳିତ ଅମଲା ମଞ୍ଚର ଅଧ୍ୟକ୍ଷ ମାନସ ରଞ୍ଜନ ସେଠୀ, ଜିଲା ଆବାହକ ସୁଦାମ ଚରଣ ମିଶ୍ର, ରାଜେନ୍ଦ୍ର ମହାପାତ୍ର, ରାଜ ଗୋପାଳ ମହାପାତ୍ର, ସୁପ୍ରଭା ପ୍ରଧାନ, ଲକ୍ଷ୍ମୀ ନାରାୟଣ ବଳିଆରସିଂ, ଭିକାରୀ ଝାଙ୍କର, ନିରଞ୍ଜନ ପାଢୀ, ଶତୃଜିତ ମହାପାତ୍ରଙ୍କ ସମେତ ସମସ୍ତ ଅମଲା ଶୋଭାଯାତ୍ରାରେ ସାମିଲ ଥିଲେ ।

## କନିଷ୍ଠ ସହାୟକଙ୍କ ଗ୍ରେଡ୍ ପେ ୪୨୦୦କୁ ବୃଦ୍ଧି ଦାବି

## ମିଳିତ ଅମଲା ମଞ୍ଚର ରାଲି

**ସୋନପୁର,୨୧।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଶୁକ୍ରବାର ସୋନପୁରରେ ରାଲି ହୋଇଯାଇଛି। ଜିଲାର ଶତାଧିକ ଅମଲା ଏହି ରାଲିରେ ସାମିଲ ହୋଇଥିଲେ। ଯୋଗ୍ୟତା ଆଧାରରେ କନିଷ୍ଠ ସହାୟକଙ୍କ ଗ୍ରେଡ୍ ପେ ୪୨୦୦କୁ ବୃଦ୍ଧି କରିବା ପାଇଁ ଅମଲା ମଞ୍ଚ ପକ୍ଷରୁ ଦାବି ହୋଇଥିଲା। କମ୍ପ୍ୟୁଟର ଜ୍ଞାନ ଥିବା କନିଷ୍ଠ ସହାୟକଙ୍କୁ ଯୋଗ୍ୟତା ଆଧାରରେ ଦରମା ବୃଦ୍ଧି ପାଇଁ ରାଜ୍ୟ ସରକାର ୨୦୧୭ରେ ନିଷ୍ପତ୍ତି ନେଇଥିଲେ। ମାତ୍ର ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସ୍ମାରକପତ୍ର ଗ୍ରହଣ କରିଥିଲେ। ଏପ୍ରିଲ ୩୦ ତାରିଖ ପୂର୍ବରୁ ଦାବି ପୂରଣ ପାଇଁ ସୁବର୍ଣ୍ଣପୁର ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛି। ଧାର୍ଯ୍ୟ ସମୟ ଭିତରେ ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଆନ୍ଦୋଳନରେ ମିଳିତ ଅମଲା ମଞ୍ଚର ଆବାହକ ଦିନେଶ ରଞ୍ଜନ ମିଶ୍ର, ଅଧ୍ୟକ୍ଷ ଚିତ୍ତରଞ୍ଜନ ତରାସିଆ, ଜିଲା ସମ୍ପାଦକ ଦିନେଶ ରଞ୍ଜନ ମିଶ୍ର, କାର୍ଯ୍ୟକାରୀ ସଭାପତି ଦିଲିପ କୁମାର ପାଣିଗ୍ରାହୀ, ଶିବଦତ୍ତ ଦାଶ, ବ୍ରଜଗୋପାଳ ପୂଜାହାରୀ, ଶ୍ରୀକାନ୍ତ ମିଶ୍ର, ପୁନମ ପଣ୍ଡା, ମୋନାଲିସା ମିଶ୍ର, ମାନସୀ ଦାଶ ଓ ମାନସୀ ଦୀପ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଜିଲାସ୍ତରୀୟ ପୋଷଣ ପଖୱାଡା କାର୍ଯ୍ୟକ୍ରମ ପାଳିତ

**ବୌଦ୍ଧ,୨୧।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଟାଉନହଲଠାରେ ଜିଲାସ୍ତରୀୟ ପୋଷଣ ପଖୱାଡା କାର୍ଯ୍ୟକ୍ରମ ଶୁକ୍ରବାର ଦିନ ପାଳିତ ହୋଇଯାଇଛି। ଅତିଥି ଭାବରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଉପଜିଲାପାଳ ରବିନ୍ଦ୍ରନାଥ କହଁର, ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଜୟକୃଷ୍ଣ ମିଶ୍ର ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ପ୍ରଦର୍ଶନୀରେ ମିଲେଟ୍‌କୁ ଲୋକାଭିମୁଖୀ କରିବା ପାଇଁ ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଅତିଥିମାନେ ଖାଦ୍ୟ ପ୍ରଦର୍ଶନୀ ବୁଲି ଦେଖିବା ସହିତ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପାଇଁ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବୌଦ୍ଧ ସିଡିପିଓ ମିନତୀ ଦେଓ ପୋଷଣ ପଖୱାଡା ପାଳନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସଂପର୍କରେ ଆଲୋକପାତ କରିଥିଲେ। ସିଡିପିଓ ହରଭଙ୍ଗା ନିରୁପମା ପାଣି ମାଣ୍ଡିଆର ପୁଷ୍ଟିତତ୍ତ୍ୱ ଓ ଉପକାରିତା ବିଷୟରେ ବିସ୍ତୃତ ଭାବରେ ବୁଝାଇଥିଲେ। ସେହିପରି କଣ୍ଟାମାଳ ସିଡିପିଓ ଜ୍ୟୋସ୍ନାରାଣୀ ପାଢୀ ପୋଷଣ ପଖୱାଡାରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ଉପ ଜିଲାପାଳ ଶ୍ରୀକହଁର ଜିଲାରେ ମାଣ୍ଡିଆର ଉତ୍ପାଦନ ଓ ବ୍ୟବହାର ବୃଦ୍ଧି ପାଇଁ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମକୁ ଗୁରୁତ୍ୱାରୋପ କରିଥିଲେ। ଡିପିସି ବୌଦ୍ଧ ଆଶିଷ ମହାନ୍ତି ସଭା ପରିଚାଳନା କରିଥିଲେ। ଚାରିଛକ ପରିଦର୍ଶିକା ସୌଦାମିନୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଆଇସିଡିଏସ ପକ୍ଷରୁ ପୋଷଣ ପଖୱାଡା ଖାଦ୍ୟ ପ୍ରସ୍ତୁତି ପ୍ରଦର୍ଶନୀ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରଶଂସା ପତ୍ର ଅତିଥିମାନେ ପ୍ରଦାନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜିତେନ୍ଦ୍ର ମହାନ୍ତି ଓ ରୁଦ୍ର ଭୈରବୀ କ୍ଲବର ପ୍ରେମଜିତ ଝାଙ୍କର ଓ ସାଥୀ କଳାକାରଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

## ସହଲା ଗ୍ରାମ ପଞ୍ଚାୟତ: କାର୍ଯ୍ୟରେ ଯୋଗଦେଲେ ନିଲମ୍ବିତ ସରପଞ୍ଚ

**ଡୁଙ୍ଗୁରିପାଲି,୨୧।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ସହଲା ଗ୍ରାମ ପଞ୍ଚାୟତରେ କାର୍ଯ୍ୟରେ ଯୋଗ ଦେଇଛନ୍ତି ନିଲମ୍ବିତ ସରପଞ୍ଚ ପଟୁଆରୀ ପଧାନ । ସୂଚନା ଅନୁସାରେ, ସହଲା ଗ୍ରାମ ପଞ୍ଚାୟତର ସରପଞ୍ଚ ପଧାନ ଅପରାଧିକ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ । ଏହି ଘଟଣାରେ ସୁବର୍ଣ୍ଣପୁର ଜିଲାପାଳ ପଞ୍ଚାୟତିରାଜ ବିଭାଗକୁ ଚିଠି ନମ୍ବର ୮୯/ଜିପି ତା ୦୬/୦୨/୨୦୨୩ ରିଖରେ ଜଣାଇବା ପରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଚିଠି ନମ୍ବର ୫୩ ୭୧ ତା ୧୦/୦୩/୨୦୨୩ ରିଖରେ ସରପଞ୍ଚ ପ୍ରଧାନଙ୍କୁ ନିଲମ୍ବିତ କରାଯାଇଥିଲା। ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଡୁଙ୍ଗୁରିପାଲି ବିଡିଓ ତ୍ରିପୁର ମହାନନ୍ଦ ସହଲା ପଞ୍ଚାୟତର ନାଏବ ସରପଞ୍ଚ ହେମଲତା ସାହୁଙ୍କୁ ସରପଞ୍ଚ ଦାୟିତ୍ୱ ଦେବା ପାଇଁ ଆଦେଶ ଦେଇଥିଲେ ।ଜିଲାପାଳଙ୍କ ପତ୍ର ସଂଖ୍ୟା ୨୦୫ ତାରିଖ ୧୬/୩/୨୦୨୩ ଅନୁଯାୟୀ ଡୁଙ୍ଗୁରିପାଲି ବ୍ଲକ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୧୯୧ ୧୭/୩/୨୦୨୩ରେ ନାଏବ ସରପଞ୍ଚ ସାହୁ ସହଲା ପଞ୍ଚାୟତର ସଂପୂର୍ଣ୍ଣ ଦାୟିତ୍ୱ ତଥା କାର୍ଯ୍ୟ ନିର୍ବାହ କରିବା ସହ ପଟୁଆରୀ ପ୍ରଧାନଙ୍କ ଠାରୁ ଯଥାଶ୍ରୀଘ୍ର ସରପଞ୍ଚ ଦାୟିତ୍ୱ ଗ୍ରହଣ କରିବା ନିର୍ଦ୍ଦେଶନାମା ଜାରି ହୋଇଥିଲା । ହେଲେ ପଧାନ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଏହାକୁ ଚାଲେଞ୍ଜ କରି ପଞ୍ଚାୟତିରାଜ ପାନୀୟ ଜଳ ବିଭାଗ ପତ୍ର ସଂଖ୍ୟା ୮୧୨୧ ତା ୧୫/୪/୨୦୨୩ରିଖରେ ଗ୍ରାମ ପଞ୍ଚାୟତ ଧାରା ୧୧୫ (୧) ୧୯୬୪ ଆଇନ ଅନୁସାରେ ତାଙ୍କୁ ସରପଞ୍ଚ ଭାବେ ଦାୟିତ୍ୱ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଓ ୧୫ ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସ ମଧ୍ୟ ଦିଆଯାଇଛି । ସରପଞ୍ଚଙ୍କ ନିଲମ୍ବିତ ଆଦେଶ ଉଠିବା ପରେ ଶୁକ୍ରବାର ନିଜର ସମର୍ଥକମାନଙ୍କ ସହ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ନିଜ କାର୍ଯ୍ୟରେ ଯୋଗ ଦେଇଥିବା ସରପଞ୍ଚ ପ୍ରଧାନ ପ୍ରକାଶ କରିଛନ୍ତି। କାର୍ଯ୍ୟରେ ଯୋଗ ଦେବା ପରେ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଦୀର୍ଘଦିନ ହେଲା ପଞ୍ଚାୟତବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏଣିକି ଜନସାଧାରଣଙ୍କ ଉନ୍ନତିମୂଳକ କାମ କରିବା ସହ ପଞ୍ଚାୟତକୁ ଠିକ ଭାବରେ ଚଳାଇବା ଦିଗରେ ବିଶେଷ ଧ୍ୟାନ ଦେବି । ଏନେଇ ଡୁଙ୍ଗୁରିପାଲି ବିଡିଓ ତ୍ରିପୁର ମହାନନ୍ଦଙ୍କୁ ପଚାରିବାରେ ସରକାର ନିଲମ୍ବିତ କରିଥିଲେ । ପୁଣି ସରକାର ପ୍ରତ୍ୟାହାର କରି ଦାୟିତ୍ୱ ଦେଇଛନ୍ତି । ପୂର୍ବପରି ସରପଞ୍ଚ ଦାୟିତ୍ୱ ପଟୁଆରୀ ପଧାନ ତୁଲାଇବେ ବୋଲି ପ୍ରକାଶ କରିଥିଲେ।







## ବିଦ୍ୟାଳୟ ପରିଚାଳନା, ଉନ୍ନୟନ କମିଟି ବୈଠକ

**ଖଡ଼ିଆଳ,୨୧।୪(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ପ୍ରଥମ ଅଭିଭାବକ ଶିକ୍ଷୟିତ୍ରୀ ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ ଭୋଇ ଓ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ଅଧ୍ୟକ୍ଷ ସମ୍ରାଟ ପାତ୍ର ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ ସ୍ୱାଗତ ସମ୍ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।






# ନେଟ୍‌ସେବା ବନ୍ଦ: ଗ୍ରାହକଙ୍କ ଡେଟା କ୍ଷତି

**ସମ୍ବଲପୁର,୨୧।୪(ବ୍ୟୁରୋ)**



ସମ୍ବଲପୁର ଜିଲାରେ ଏପ୍ରିଲ ୧୨ରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ହିଂସାତ୍ମକ ଘଟଣା ଘଟିଥିଲା। ତେଣୁ ଜିଲା ପ୍ରଶାସନର ଅନୁରୋଧକ୍ରମେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏପ୍ରିଲ ୧୩ ତାରିଖଠାରୁ ମୋବାଇଲ, ବ୍ରଡ୍‌ବ୍ୟାଣ୍ଡ ଓ ବିଭିନ୍ନ ନେଟ୍ ସେବାକୁ ବନ୍ଦ କରି ଦିଆଯାଇଥିଲା। ପର୍ଯ୍ୟାୟକ୍ରମେ ଏହା ବୃଦ୍ଧି କରାଯାଇଥିଲା। ବ୍ରଡ୍‌ବ୍ୟାଣ୍ଡ ଓ ଲିଜ୍‌ଲାଇନ ଉପରେ ଗୁରୁବାର ସାମାନ୍ୟ କୋହଳ କରାଯାଇଥିବାବେଳେ ଶୁକ୍ରବାର ୨୪ ଘଣ୍ଟିଆ ସେବା ଯୋଗାଇ ଦେବାକୁ ନୋଟିସ କରାଯାଇଛି। କିନ୍ତୁ ମୋବାଇଲ ନେଟ୍‌ସେବା ଶନିବାର ୧୧ଟା ପର୍ଯ୍ୟନ୍ତ ବନ୍ଦ ରହିବା ସହ ଆବଶ୍ୟକ ପଡିଲେ ବୃଦ୍ଧି କରାଯିବ ବୋଲି ଗୃହ ବିଭାଗ ନୋଟିସ କରିଛି।

ଦେଖିବାକୁ ଗଲେ ଜିଲାରେ ସମସ୍ତ ଟେଲିକମ କମ୍ପାନୀର ନେଟସେବା ୮ଦିନ ଧରି ବନ୍ଦ ହୋଇଯାଇଛି। ଏଥିରେ ପ୍ରାୟ ସମସ୍ତ କମ୍ପାନୀର ଗ୍ରାହକମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏହା ସହ ଡେଟା ପ୍ୟାକ ପକାଇଥିବା ଗ୍ରାହକଙ୍କ ଆର୍ଥିକ କ୍ଷତି ହୋଇଛି। ଡେଟା ପ୍ୟାକ ଖର୍ଚ୍ଚ ପାଇଁ ବିଶେଷ କରି କମ୍ପାନୀ

## ସମୟ ବୃଦ୍ଧି କିମ୍ବା କ୍ଷତିପୂରଣ ଦେବାକୁ ଦାବି

ସମୟ ସୀମା ନିର୍ଦ୍ଧାରଣ କରିଥାଏ। ଗୋଟିଏ ପ୍ୟାକରେ ତାରିଖ ଓ ସମୟ ରହିଥାଏ। ହେଲେ ଅପ୍ରତ୍ୟାଶିତ ଘଟଣାକ୍ରମେ ଗ୍ରାହକମାନେ ଡେଟା ପ୍ୟାକରୁ ଡେଟା ଖର୍ଚ୍ଚ କରିପାରିଲେ ନାହିଁ। କମ୍ପାନୀ ଦେଇଥିବା ଡେଟା ରହିଥିଲେ ବି ସମୟ ଅଭାବରୁ ଉକ୍ତ ଡେଟା ଶେଷ ହେବାକୁ ବସିଛି। ଏଥିଯୋଗୁ ଗ୍ରାହକ କ୍ଷତିର ସମ୍ମୁଖୀନ ହେବେ। ଏଥିରେ ଗ୍ରାହକଙ୍କ କୌଣସି ଦୋଷ ନାହିଁ। ସହରର ସ୍ଥିତିକୁ ଦେଖି ସରକାର କମ୍ପାନୀକୁ ନେଟ୍‌ସେବା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ କମ୍ପାନୀକୁ ନିର୍ଦ୍ଦେଶ ଦେଇ ସରକାର ଡେଟାପ୍ୟାକର ସମୟସୀମା ବୃଦ୍ଧି କରନ୍ତୁ, ନଚେତ୍ କ୍ଷତିପୂରଣ ଦିଅନ୍ତୁ ବୋଲି ବିଭିନ୍ନ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ଏକ ଘରୋଇ ଟେଲିକମ୍ କମ୍ପାନୀର ମ୍ୟାନେଜର ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ନେଟ୍‌ସେବା ବନ୍ଦ କରିବାକୁ କେବଳ ସମ୍ବଲପୁର ଜିଲା ପାଇଁ ନିର୍ଦ୍ଦେଶ ରହିଥିଲା। ଏହା ସରକାରଙ୍କ ନିର୍ଦ୍ଦେଶ। କମ୍ପାନୀ ପକ୍ଷରୁ କୌଣସି ତ୍ରୁଟି ଥିଲେ କିମ୍ବା ନେଟ୍ ବନ୍ଦ କରାଯାଇଥିଲେ କିଛି ସମାଧାନ କରିହୋଇଥାନ୍ତା। ଗ୍ରାହକଙ୍କ ଏହା ସିଧାସଳଖ କ୍ଷତି। ଏଥିରେ କୌଣସି କମ୍ପାନୀ କ୍ଷତିପୂରଣ ଦେଇପାରିବେ ନାହିଁ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ଜିଲାରେ ୯ ବ୍ଲକ ଓ ମହାନଗର ନିଗମ ରହିଛି। ହାରାହାରି ଦେଖିବାକୁ ଗଲେ ଏସ୍‌ଏମ୍‌ସି ଅଧୀନରେ ଜନସଂଖ୍ୟା ୪ ଲକ୍ଷ ରହିଥିବାବେଳେ ବ୍ଲକ ଜନସଂଖ୍ୟା ମିଶିଲେ ୧୧ ଲକ୍ଷ ୬୮ହଜାର ହେବ। ଆନୁମାନିକ ୫ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ମୋବାଇଲ ବ୍ୟବହାର କରୁଛନ୍ତି। ଅଧିକାଂଶ ବ୍ୟକ୍ତି ମୋବାଇଲ ଡେଟା ସହ କଥା ହେବା ପାଇଁ ମାସିକିଆ ପ୍ୟାକେଜ ପକାଇଥାନ୍ତି।

# ସମ୍ବଲପୁର ବିଜେଡି ପକ୍ଷରୁ ରକ୍ତଦାନ ଶିବିର



ଶିବିର ଯୋଗଦେଇଥିବା ଅତିଥିଙ୍କ ସହ ରକ୍ତ ଦାତାମାନେ।

**ସମ୍ବଲପୁର,୨୧।୪(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଲରପଙ୍କ, ହୀରାକୁଦ ମାଷ୍ଟରପଡାଠାରେ ମା' ଶକ୍ତିଙ୍କ ପୂଜା ତଥା ବିଜୁ ବାବୁଙ୍କ ଶ୍ରାଦ୍ଧ ସପ୍ତାହ ଅବସରରେ ବିଜୁ ଯୁବ ଜନତା ଦଳ ତଥା ଓଡ଼ିଶା ମୋ ପରିବାର ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ବୁର୍ଲା ବ୍ରହ୍ମସ୍ଥଳ ଗୁହୀରା ଟିକରାର ଗୁହୀରା ବାବା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଆଇନ ସାମ୍ମୁଖ୍ୟ ଉପଦେଷ୍ଟା ଆର୍ତ୍ତତ୍ରାଣ ମିଶ୍ର, ବରିଷ୍ଠ ନାଗରିକ କଳିନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରକୁ ଜିଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର ସଂଯୋଜନା କରିଥିବାବେଳେ ଜିଲା ଯୁବ ସମ୍ପାଦକ ମଞ୍ଜୁ ଓରାମ, ବୁଲୁ ନାୟକ, ବିଶିକେଶନ ଓରାମ ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶ୍ରମିକ ନେତ୍ରୀ ସସ୍ମିତା ଦୀପ, ବିକ୍କି ଦୀପ, ବୃନ୍ଦା କଟା, ସାଧବ ବର୍ମନ, ଲିଲିମା ମଲ୍ଲିକ, ବିଜୟଲକ୍ଷ୍ମୀ ଯାଦବ, ପୀତବାସ ନାୟକ, ଉତ୍ତମ ବାଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶିବିରରେ ମୋଟ ୩୫ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ବୁର୍ଲା ରକ୍ତ ଭଣ୍ଡାରର ଅଧିକାରୀ ସହଯୋଗ କରିଥିଲେ।

# ୧୧ କେଭି ଫିଡର ଉଦ୍‌ଘାଟିତ

**ବୌଦ୍ଧ,୨୧।୪(ସ୍ୱ.ପ୍ର.):** ହରଭଙ୍ଗା ବ୍ଲକର ଧଳପୁର ପଞ୍ଚାୟତବାସୀ ବିଦ୍ୟୁତ୍ ସମସ୍ୟାର ସମ୍ମୁଖୀନ ହୋଇଆସୁଥିଲେ। ବୌଦ୍ଧ ବିଧାୟକ ତଥା ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କ ଉଦ୍ୟମକ୍ରମେ ଶକ୍ତି ବିଭାଗର ଟିପିଏସଓଏଲ ପକ୍ଷରୁ ୧୧ କେଭି ଫିଡର ସ୍ଥାପନ କରାଯାଇ ଧଳପୁର ପଞ୍ଚାୟତବାସୀଙ୍କ ଏହି ସମସ୍ୟାର ସ୍ଥାୟୀ ସମାଧାନ କରାଯାଇପାରିଛି। ତିଳେଶ୍ୱର ପଞ୍ଚାୟତର ଖଣ୍ଡହତା ଗ୍ରାମ ନିକଟରେ ଏହି ୧୧ କେଭି ଫିଡର ଲାଇନକୁ ମୁଖ୍ୟଅତିଥି ମନ୍ତ୍ରୀ ଅମାତ ଶୁକ୍ରବାର ଲୋକାର୍ପିତ କରିଛନ୍ତି ।

# କମ୍ୟୁନିଟି ସେଣ୍ଟର ନାମରେ ମସ୍‌ଜିଦ ଢାଞ୍ଚାରେ ନିର୍ମାଣକୁ ବିରୋଧ

## ଜିଲାପାଳଙ୍କଠାରେ ଅଭିଯୋଗ

**କୁଚିଣ୍ଡା,୨୧।୪(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଭୋଜପୁର ପଞ୍ଚାୟତ ଖୁଣ୍ଟୁଲାବାହାଲ ଗ୍ରାମର ସ୍କୁଲକୁ ଲାଗି କମ୍ୟୁନିଟି ସେଣ୍ଟର ନାମରେ ମସ୍‌ଜିଦ ଢାଞ୍ଚାରେ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ଏହା ସ୍କୁଲ ପରିସରଭୁକ୍ତ ଜଙ୍ଗଲ କିସମ ଜମି। ମସ୍‌ଜିଦ ଢାଞ୍ଚାରେ ନିର୍ମାଣ ହୋଇଥିବାରୁ ଭବିଷ୍ୟତରେ ହିନ୍ଦୁ ମୁସଲିମ ମଧ୍ୟରେ ବିବାଦ ହେବା ଆଶଙ୍କା ଥିବାରୁ ବାରଣ କରିଥିଲେ। ହେଲେ ଅନ୍ୟ ସମ୍ପ୍ରଦାୟର ବ୍ୟକ୍ତିମାନେ ଏହା ମାନି ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି । ଖୁଣ୍ଟୁଲାବାହାଲ ଗ୍ରାମବାସୀଙ୍କ ପକ୍ଷରୁ ୱାର୍ଡ ମେମ୍ବର କନକ ନାଏକଙ୍କ ନେତୃତ୍ୱରେ ଶୁକ୍ରବାର ଏକ ପ୍ରତିନିଧିଦଳ କୁଚିଣ୍ଡା ଉପଜିଲାପାଳଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରି ମସ୍‌ଜିଦ ଢାଞ୍ଚାରେ ନିର୍ମାଣକୁ ଭାଙ୍ଗିବାକୁ ଦାବି କରିଛନ୍ତି। ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଏହାକୁ ଗୁରୁତର ସହ ନିଆଯାଇଥିଲା। ପରେ ଅପରାହ୍ଣରେ କୁଚିଣ୍ଡା ସହକାରୀ ଜିଲାପାଳ ଲୋଚନ ଶବର, ଜମନକିରା ତହସିଲଦାର ବ୍ରଜକିଶୋର ସାହୁ, ଭୋଜପୁର ଆର୍‌ଆଇଙ୍କ ସମେତ କୁଚିଣ୍ଡା ଆଇଆଇସି ଶୋଭାକର ସେଠ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗର ତଦନ୍ତ କରିଥିଲେ। ତଦନ୍ତରେ ଏହା ଜଙ୍ଗଲ କିସମ ଜମି ଓ ବିଧାୟକ ପାଣ୍ଠିରୁ କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯାଇଛି। ମାତ୍ର ଏହାର ସମ୍ମୁଖ ପଟ ମସ୍‌ଜିଦ ଭଳି ହୋଇଥିବାରୁ ତାହା ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିବା ତହସିଲଦାର ସାହୁ କହିଛନ୍ତି। ସୂଚନା ଅନୁଯାୟୀ, ୨୦୨୦-୨୧ ଆର୍ଥିକ ବର୍ଷରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଖୁଣ୍ଟୁଲାବାହାଲ ଗ୍ରାମରେ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ୨ଲକ୍ଷ ୫୦ହଜାର ଟଙ୍କାର ଅନୁଦାନ ବିଧାୟକ ପାଣ୍ଠିରୁ ପ୍ରଦାନ କରିଥିଲେ। ଜମନକିରା ବ୍ଲକକୁ ଉକ୍ତ ଅନୁଦାନ ମଞ୍ଜୁର ହୋଇ ଆସିଲା ପରେ ଖୁଣ୍ଟୁଲାବାହାଲ ଗ୍ରାମର ମୁସଲମାନ ସମ୍ପ୍ରଦାୟର କେତେଜଣ ଯୁବକ ନିର୍ମାଣ କାମ କରିଥିଲେ। ଏ ସମ୍ପର୍କରେ ଜମନକିରା ବ୍ଲକ ଭୋଜପୁର ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ କାର୍ତ୍ତିକ ପୃଷ୍ଟିଙ୍କୁ ପଚାରିବାରେ ବିଧାୟକ ପାଣ୍ଠି ୨ଲକ୍ଷ ୫୦ହଜାର ଟଙ୍କାରେ କେବଳ ଛାତ ପଡିଛି। ଅର୍ଥ ଅଭାବରୁ ଏହା ସମ୍ପୂର୍ଣ୍ଣ ହୋଇପାରି ନ ଥିବା କହିଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

# ନେତାଜୀ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

**ସୋନପୁର,୨୧।୪(ନି.ପ୍ର.):** ସୋନପୁର ଟାଉନ ହଲରେ ନେତାଜୀ ପବ୍ଲିକ ସ୍କୁଲର ୨୦ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ପ୍ରତ୍ୟୁଷ ରଞ୍ଜନ ମିଶ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଡ. ଜ୍ୟୋତି ରଞ୍ଜନ ବହିଦାର ଯୋଗଦେଇ ନୈତିକ ଶିକ୍ଷାଦାନ ସହ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କିପରି ସମ୍ପର୍କ ରଖାଯାଇ ପାରିବ ସେନେଇ ମତପ୍ରକାଶ କରିଥିଲେ।







# ଉଠା ଦୋକାନୀଙ୍କୁ ଥଇଥାନ ଲାଗି ଦାବିପତ୍ର

**ବ୍ରଜରାଜନଗର,୨୧।୪(ଡି.ଏନ.ଏ.)**

ବ୍ରଜରାଜନଗର ପୌରାଞ୍ଚଳର ଗାନ୍ଧୀ ଛକଠାରେ ରାସ୍ତା ପ୍ରଶସ୍ତୀକରଣ ଲାଗି ଉଠାଦୋକାନୀଙ୍କ କ୍ୟାବିନ ଭାଙ୍ଗିଦିଆଯାଇଛି। ଏମାନଙ୍କୁ ଥଇଥାନ କରିବା ଲାଗି ଏମ୍‌ପିଙ୍କ ପ୍ରତିନିଧି ତପନ ସ୍ୱାଇଁ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ସେ ଏଥିରେ ଦର୍ଶାଇଛନ୍ତି, ଦୀର୍ଘ ଚାରିମାସ ହେବ ଦୋକାନ ଭଙ୍ଗାଯାଇ ଥଇଥାନ ଲାଗି ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଛି। ଗତ ଫେବୃୟାରୀ ୧୬ତାରିଖରେ ସ୍ଥାନୀୟ ବିଧାୟିକା ଅଳକା ମହାନ୍ତି ଏହାକୁ ଉଦ୍‌ଘାଟନ କରିଛନ୍ତି। ତେବେ ପୌର ପ୍ରଶାସନର ଟାଳଟୁଳ ନୀତିଲାଗି ଦୋକାନୀମାନେ ଦୋକାନ ନ ପାଇ ଖରାରେ ରାସ୍ତା କଡରେ ବସି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ସେମାନଙ୍କୁ ଭେଣ୍ଡିଂ ଜୋନରେ ଦୋକାନ ଗୃହ ଯୋଗାଇ ଦିଆଯାଉ ବୋଲି ସେ ଦାବି ଜଣାଇଛନ୍ତି।

# ବିଦ୍ୟାଳୟ ପରିଚାଳନା, ଉନ୍ନୟନ କମିଟି ବୈଠକ

**ଖଡ଼ିଆଳ,୨୧।୪(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ପ୍ରଥମ ଅଭିଭାବକ ଶିକ୍ଷୟିତ୍ରୀ ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ ଭୋଇ ଓ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ଅଧ୍ୟକ୍ଷ ସମ୍ରାଟ ପାତ୍ର ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ ସ୍ୱାଗତ ସମ୍ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।









## ସଂକ୍ଷେପରେ

### ଅଗ୍ନିଶମ ବିଭାଗ ପକ୍ଷରୁ ମକ୍ ଡ୍ରିଲ କାର୍ଯ୍ୟକ୍ରମ

**କର୍ଲାମୁଣ୍ଡା, ୨୧।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ପେଟ୍ରୋଲ ପମ୍ପ ଠାରେ ଶୁକ୍ରବାର କର୍ଲାମୁଣ୍ଡା ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମକ୍ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଗ୍ନିଶମ ବିଭାଗର ହାବିଲଦାର ପ୍ରଣବ କୁମାର ନାଏକ ଯୋଗଦେଇ ପେଟ୍ରୋଲ ପମ୍ପରେ ହଠାତ ନିଆଁ ଲାଗିଲେ କିଭଳି ନିଜକୁ ସୁରକ୍ଷା କରିବା ସହିତ ନିଆଁକୁ ଆୟତ୍ତ କରାଯାଇପାରିବ ସେ ଉପରେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପେଟ୍ରୋଲ ପମ୍ପ ମାଲିକ ଡୋଳାମଣୀ ଭୋଇ, ଅଗ୍ନିଶମ ବିଭାଗ କର୍ମଚାରୀ ରାଜେଶ ପ୍ରଧାନ, ବଳରାମ ମହାକୁର, ବିଭିଶନ କରୁଆନ, ଓମ ପ୍ରକାଶ ସାହୁ, ଶଙ୍କର ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

### ଏଡିଏମ୍‌ଙ୍କ ଠାରୁ ପ୍ରତିଶ୍ରୁତି ପାଇ ଆମରଣ ଅନଶନରୁ ଉଠିଲେ ପୂର୍ବତନ ସରପଞ୍ଚ

**ହୀରାପୁର ପଞ୍ଚାୟତ ଦୁର୍ନୀତି ପ୍ରସଙ୍ଗ**

**ଲୋଇସିଂହା,୨୧।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତରେ ଉନ୍ନୟନ କାମରେ ବ୍ୟାପକ ଦୁର୍ନୀତି ହୋଇଛି। ବିଗତ କିଛି ବର୍ଷ ମଧରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରାଯାଇଛି। ଦୁର୍ନୀତିକୁ ନେଇ ଜିଲା ପ୍ରଶାସନ ଓ ଭିଜିଲାନ୍ସ ପକ୍ଷରୁ ତଦନ୍ତ ମଧ ହେଉଛି। ହେଲେ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉନାହିଁ। ଏହାର ପ୍ରତିବାଦରେ ଗତ ସୋମବାର ଠାରୁ ଲୋଇସିଂହା ବ୍ଲକ ସମ୍ମୁଖରେ ପୂର୍ବତନ ସରପଞ୍ଚ ରାଧାନାଥ ବିଶ୍ୱାଳ ଆମରଣ ଅନଶନରେ ବସିଥିଲେ । ଶୁକ୍ରବାର ପଞ୍ଚମ ଦିବସରେ ଏଡିଏମ ଲମ୍ବୋଦର ଧରୁଆ ବ୍ଲକରେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ତରଫରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଅନଶନରୁ ଓହରିଯିବାକୁ ଅନୁରୋଧ କରିଥିଲେ। ତେବେ ପ୍ରତିଶ୍ରୁତି ପୂରଣ ନ ହେଲେ ପୁଣି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଏହାପରେ ସେ ଅନଶନ ଭଙ୍ଗ କରିଥିଲେ। ଏହି ସମୟରେ ଏଡିଏମ ଧରୁଆଙ୍କ ସମେତ ବିଡିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ସଂଘମିତ୍ରା କାଲୋ, ଅତିରିକ୍ତ ତହସିଲଦାର ସମ୍ପୂର୍ଣ୍ଣାନନ୍ଦ ବେଜେ, ଆଇଆଇସି ବାମଦେବ ଶଙ୍ଖୁଆଳ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ୨୦୧୭ରୁ ଅଦ୍ୟାବଧି ଉନ୍ନୟନ କାମ ନାମରେ ପଞ୍ଚାୟତର ବିଭିନ୍ନ ପାଣ୍ଠି ଦୁରୁପଯୋଗ ହୋଇଛି। ବିନା କାମ କରି କେତେକ ପ୍ରକଳ୍ପର ଅନୁଦାନ ଉଠିଛି। ଆଉ କେତେକ ପ୍ରକଳ୍ପର ଏକାଧିକ ଥର ବିଲ୍ କରି ଲକ୍ଷାଧିକ ଟଙ୍କା ବାଟମାରଣା କରାଯାଇଛି। ୨୦୨୨ ପଞ୍ଚାୟତ ନିର୍ବାଚନ ଆଚରଣ ବିଧି ସମୟରେ ସରପଞ୍ଚଙ୍କ ସ୍ୱାକ୍ଷରକୁ ଜାଲିଆତି କରି ବିନା କାମରେ , ବିନା ରେକର୍ଡପତ୍ରରେ ଗ୍ରାମ ପଞ୍ଚାୟତର ବିଭିନ୍ନ ପାଣ୍ଠିରୁ ଲକ୍ଷାଧିକ ଟଙ୍କା ଉଠାଯାଇଥିବା ନେଇ ଅଭିଯୋଗ ହୋଇଛି। ଏ ସମସ୍ତ ପ୍ରମାଣ ସହ ଜିଲା ପ୍ରଶାସନ ଏବଂ ଭିଜିଲାନ୍ସ ବିଭାଗରେ ଲିଖିତ ଭାବେ ଅଭିଯୋଗ କରାଯାଇଛି। ହେଲେ ବର୍ଷାଧିକ ସମୟ ବିତି ଯାଇଥିଲେ ବି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପଞ୍ଚାୟତବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦ ଏବଂ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଏବଂ ହେରଫେର ଅନୁଦାନ ଅସୁଲ ଦାବିରେ ବିଶ୍ୱାଳ ଆମରଣ ଅନଶନରେ ବସିଥିଲେ। ଅନଶନର ତୃତୀୟ ଦିବସରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଅନଶନକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ତେବେ ଅନଶନକାରୀ, ବ୍ଲକ ପ୍ରଶାସନ ଏବଂ ବିଧାୟକଙ୍କ ମଧରେ ହୋଇଥିବା ଆଲୋଚନା ବିଫଳ ହୋଇଥିଲା।

# ଅନ୍ଧାର ଆଡ଼କୁ ଗତି କରୁଛି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ

- ସ୍କୁଲ କୋଠା ନିର୍ମାଣ ନିମନ୍ତେ ପୂର୍ବଜ ଦାନ କରିଥିଲେ ଜମି
- ଏବେ ସେହି ଜମିକୁ ବିକ୍ରି କରିବାକୁ ଚକ୍ରାନ୍ତ କରୁଛନ୍ତି ଦାୟାଦ

**କୁନାଗଡ଼,୨୧।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲାରେ ବର୍ତ୍ତମାନ ଜମି ମାଫିଆଙ୍କ ଅରାଜକତା ଅନେକ ମାତ୍ରାରେ ବଢ଼ିବାରେ ଲାଗିଛି। ଜମି ମାଫିଆ ଓ ଅଧିକାରୀଙ୍କ ସଲାସୂତରାରେ ଗୋଚର ଜମି ହେଉ, ଦେବୋତ୍ତର ଜମି ହେଉ କିମ୍ବା ସ୍କୁଲ ନିର୍ମାଣ ହୋଇଥିବା ଜମି ହେଉ କେତେବେଳେ କିସମ ପରିବର୍ତ୍ତନ ହୋଇ ଜମି ବିକ୍ରି ହୋଇ ଯାଉଛି ତାହାର ନାଁ ଗନ୍ଧ ମଧ ଜଣାପଡୁନାହିଁ। ବର୍ତ୍ତମାନ ପୁଣି ଏକ ଘଟଣା ସାମ୍ନାକୁ ଆସିଛି। ସ୍କୁଲ କୋଠା ନିର୍ମାଣ ନିମନ୍ତେ ପୂର୍ବଜ ଦାନ କରିଥିଲେ ଜମି। କିନ୍ତୁ ବର୍ତ୍ତମାନର ଦାୟାଦ ସେହି ଜମିକୁ ବିକ୍ରି କରିବାକୁ ଚକ୍ରାନ୍ତ ଆରମ୍ଭ କଲେଣି। ସ୍କୁଲ ଜମି ବିକ୍ରି ପାଇଁ ପ୍ରକ୍ରିୟା ଚାଲିଥିବାବେଳେ ଅନ୍ଧାର ଆଡ଼କୁ ଗତି କରୁଛି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ। କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମାଲିଗୁଡା ପଞ୍ଚାୟତର ବରଗାଁରେ ପୂର୍ବରୁ ସ୍କୁଲ ନ ଥିଲା । ଏଠାକାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସ୍ୱର୍ଗତ କୀର୍ତ୍ତିମାଳା ସିଂଙ୍କ ସହମତି କ୍ରମେ ତାଙ୍କ ଜମିକୁ ତାଙ୍କ ଭାଇ ଜମିଦାର ସ୍ୱର୍ଗତ ବିଶ୍ୱନାଥ ସିଂହ ୧୯୫୧ ମସିହାରେ ୧ ଏକର ୩୩ ଡ଼ିସିମିଲ ଜମିକୁ ଗାଁରେ ସ୍କୁଲ ଖୋଲିବା ପାଇଁ ଦାନ କରିଦେଇଥିଲେ। କିନ୍ତୁ ବର୍ତ୍ତମାନର ସେଟେଲମେଣ୍ଟରେ



ଗ୍ରାମବାସୀଙ୍କ ସହ ଛାତ୍ରୀଛାତ୍ର।

୧ ଏକର ୩୩ ଡ଼ିସିମିଲ ଜାଗା ନ ଥିବା ବେଳେ ଏବେ ଖାତା ନଂ. ୪୧୩/୮୩, ପ୍ଲଟ ନଂ. ୭୨୩ ରେ ୩ ଡ଼ିସିମିଲ ଜାଗା, ପ୍ଲଟ ନଂ. ୭୨୬ ରେ ୪ ଡ଼ିସିମିଲ ଜାଗା, ଏବଂ ପ୍ଲଟ ନଂ. ୭୨୭ ରେ ୪୬ ଡ଼ିସିମିଲ ସମେତ ସମୁଦାୟ ୫୩ ଡ଼ିସିମିଲ ଜାଗା ପରିସରରେ ସ୍କୁଲ କୋଠା ନିର୍ମାଣ ହୋଇଥିବା ଜଣାପଡ଼ିଛି। ଜମି ଦାନ ପରେ ୧୯୫୭ ମସିହା ସେପ୍ଟେମ୍ବର ୨ ତାରିଖରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ସେହି ଦିନଠାରୁ ଗାଁର ଛାତ୍ରୀଛାତ୍ର ଏହି ସ୍କୁଲରେ ପାଠପଢି ଆସୁଛନ୍ତି । ଅନେକ ଛାତ୍ରୀଛାତ୍ର ଏହି ସ୍କୁଲରେ ନିଜର ଭବିଷ୍ୟତ ଗଢି ସାରିଲେଣି। ବର୍ତ୍ତମାନ ମଧ ଅନେକ ଛାତ୍ରୀଛାତ୍ର ନିଜ ଭବିଷ୍ୟତ ପାଇଁ ଆଗଭର ହେଉଛନ୍ତି। ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୨୮ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଆଗରୁ ସରକାର ସ୍କୁଲ ମରାମତି ପାଇଁ ଟଙ୍କା ଦେଉ ନ ଥିଲେ ,ସେଥିପାଇଁ ସ୍କୁଲ କମିଟି କିଛି ଜମିକୁ ଲୋକଙ୍କୁ ଲିଜ ଦେଇ ସେଥିରୁ ଆୟ ଟଙ୍କାକୁ ସ୍କୁଲ ମରାମତି କରି ଆସୁଥିଲେ। ସ୍ୱର୍ଗତ ବିଶ୍ୱନାଥ ସିଂ ଜମି ଦାନ କରି ୭୨ ବର୍ଷ ହେଉଥିବାବେଳେ ଏଣିକି ସ୍କୁଲ ନିର୍ମାଣର ୬୬ ବର୍ଷ ବିତିଗଲାଣି। ଅନ୍ୟ ପକ୍ଷରେ ଏତେ ବର୍ଷ ପରେ ମଧ ସ୍କୁଲ ନାମରେ ଜମିର କୌଣସି କାଗଜପତ୍ର ନାହିଁ। ବର୍ତ୍ତମାନ ଏହି ସ୍କୁଲ ଜମିକୁ ଜମିଦାର ବିଶନାଥ ସିଂହଙ୍କ ଦାୟାଦ ଅନୁପ ସିଂ ସ୍କୁଲ ଜମିକୁ ବିକ୍ରି କରିଦେବା ପାଇଁ ମସୁଧା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍କୁଲ ଜମି ବିକ୍ରି ହେଉଥିବା ଜଣାପଡିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ବର୍ତ୍ତମାନ ସ୍କୁଲ ଜମିକୁ ଅନୁପ ସିଂ ବିକ୍ରି କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇ ଯାଉଥିବା କହିଛନ୍ତି। ଅନ୍ୟ ପକ୍ଷରେ ଗୋଟିଏ ପରିବାର ପକ୍ଷରୁ ଗୋଟିଏ ପିଢ଼ି ପ୍ରଥମେ ଜମି ଦାନ କଲେ ଓ ଆଉ ଗୋଟିଏ ପିଢ଼ି ଜମିକୁ ବିକ୍ରି କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବା କେତେ ଦୂର ଯଥାର୍ଥ ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସହ ଉଦ୍‌ବେଗର ବିଷୟ ହୋଇଛି। ଏ ନେଇ ଗ୍ରାମବାସୀ ଜିଲାପାଳ, ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳିନାହିଁ।

# ନୂଆପଡ଼ା ଜିଲାରେ ଥମୁନି ବାଘ ଆତଙ୍କ, ପୁଣି ବାଛୁରୀକୁ ଖାଇଲା

**ନୂଆପଡ଼ା ଅଫିସ୍,୨୧।୪**

ନୂଆପଡ଼ା ସଦର ରେଞ୍ଜ ଅଧିନସ୍ଥ କେନ୍ଦୁବାହାରା ପଞ୍ଚାୟତ ବ୍ରାହ୍ମଣୀ ଗାଁରେ ଶୁକ୍ରବାର ପୁଣି ବାଘ ଆତଙ୍କ ଦେଖାଯାଇଛି। ଗାଁର ଜଣେ ବ୍ୟକ୍ତିଙ୍କ ବାଛୁରୀକୁ ମାରି ଖାଇଥିବା ଅଭିଯୋଗ ହୋଇଛି। ଗତ ୧୬ ତାରିଖରେ ଏକ ବାଘ ଅଂଶୁଘାତରେ ଆକ୍ରାନ୍ତ ହୋଇ ଜଙ୍ଗଲ ଭିତରେ ଏକ ଗଛମୂଳରେ ଛଟପଟ ହେଉଥିବାବେଳେ ବନବିଭାଗ ଖବରପାଇ ତାକୁ କାବୁ କରି ଯନ୍ତାରେ ଭରି ଚିକିତ୍ସା କରୁଛନ୍ତି। ଏଣେ ବାଛୁରୀକୁ ବାଘ ଖାଇବା ପୁଣି ଲୋକଙ୍କୁ ଚିନ୍ତାରେ ପକାଇଛି। ବାଘ ଯନ୍ତାରେ ଥିବାବେଳେ ଆତଙ୍କ ସୃଷ୍ଟି କରି ଗାଇ ବାଛୁରୀକୁ ଶିକାର ବାଘୁଣୀର କାମ ହୋଇଥିବ ବୋଲି ଲୋକେ ଅନୁମାନ କରୁଛନ୍ତି। ପ୍ରାପ୍ତସୂଚନା ଅନୁସାରେ ଗୁରୁବାର ବ୍ରାହ୍ମଣୀ ଗାଁର ଗାଇ ଗୋରୁ ଜଙ୍ଗଲକୁ ଚରିବାକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଅଗନୁ ରାଉତଙ୍କ ଏକ ବାଛୁରୀ ଘରକୁ ଫେରି ନ ଥିଲା । ବାଘ ଭୟରେ ଲୋକେ ଗାଈ ବାଛୁରୀ ନ ଆସିଲେ ଖୋଜିବାକୁ ଯାଉନାହାନ୍ତି। ହେଲେ ପରିବାର ଲୋକେ ଜଙ୍ଗଲକୁ ନ ଯାଇ ଗାଁ ଭିତରେ ଗାଈ ଗୁହାଳକୁ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା । ଶୁକ୍ରବାର ସକାଳେ ଗାଁ ଲୋକେ ଜଙ୍ଗଲକୁ କୌଣସି କାମରେ ଯିବା ସମୟରେ ବାଛୁରୀ ପତ୍ରଫଡି ପଛପଟେ କ୍ଷତବିକ୍ଷତ ହୋଇ ପଡିଥିବା ଦେଖିବାକୁ ପାଇଥିଲେ। ବନ ବିଭାଗକୁ ଖବର ଦେବାରୁ ଘଟଣାସ୍ଥଳରେ ପହଞ୍ଚି ବାଛୁରୀ ମୃତଦେହକୁ ଜବତକରି ତଦନ୍ତ କରୁଛନ୍ତି। ବାଘର ଗତିବିଧି ଉପରେ ନଜର ରଖିବା ସହ ଡାକବାଜି ଯନ୍ତ୍ର ସାହାଯ୍ୟରେ ପାହାଡତଳି ଗାଁରେ ବୁଲିବୁଲି ଲୋକଙ୍କୁ ସଚେତନ କରାଉଛନ୍ତି। ନୂଆପଡା ସଦର ବ୍ଲକ ସାନ ଲୋଡ୍ରା ଗାଁରେ ମାର୍ଚ୍ଚ ୧ରେ ପ୍ରଥମେ ବାଘ ଆତଙ୍କ ଦେଖାଦେଇଥିଲା। ସେହି ଦିନଠାରୁ ପାଖାପାଖି ଦୁଇ ମାସ ହୋଇଯିବ ଜିଲାରେ ବାଘ ଆତଙ୍କ ଥମିବାର ନାଁ ନେଉନାହିଁ। ବର୍ତ୍ତମାନ ଜିଲାରେ ଜଣେ ମଣିଷ ସହ ୨୦ ଗୃହପାଳିତ ପ୍ରାଣୀକୁ ଶିକାର କରି ସାରିଥିବାବେଳେ ୩ଟି ଗୃହପାଳିତ ପ୍ରାଣୀକୁ ମାରି ଘାଇଲା କରିଛି।

# ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ

**ସଇଁତଲା,୨୧।୪ (ଡି.ଏନ.ଏ.)**

ସଇଁତଲା ଅଗ୍ନିଶମ ବିଭାଗ ତରଫରୁ ସ୍ଥାନୀୟ ଡାକ୍ତରଖାନା ପରିସରରେ ଡାକ୍ତରଖାନା ମୁଖ୍ୟ ସମରେନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଏକ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୧୪ ତାରିଖଠାରୁ ରାଜ୍ୟର ଅଗ୍ନିଶମ ବିଭାଗ ତରଫରୁ ଅଗ୍ନି ନିର୍ବାପକ ସେବା ସପ୍ତାହ ପାଳନ ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ସଇଁତଲା ଅଗ୍ନିଶମ ବିଭାଗର ମୁଖ୍ୟ ଦୂରଦକ୍ଷ ବାଗଙ୍କ ଅଧକ୍ଷତାରେ ଆଗ୍ନିକ ସମୀର କୁମାର ସାହୁ, କିଶୋର କୁମାର ରାଉତ, ସଦାଶିବ ଭୁଏ, ଫାୟାରମ୍ୟାନ ଦିବାକର ପଙ୍ଗନାୟକ, ରାଧେଶ୍ୟାମ ସାହୁ, ଇନ୍ଦ୍ରଜିତ ଭୋଇ, ଦୟାନନ୍ଦ ପଧାନଙ୍କ ଉପସ୍ଥିତିରେ ରୋଷେଇ ଗୃହରେ ଗ୍ୟାସ ଲିକ୍ ହେଲେ କ'ଣ କରାଯିବ, ଅଫିସ ଗୃହରେ ନିଆଁ ଲାଗିଲେ କ'ଣ କରାଯିବ,



ଅଗ୍ନିଶମ ବିଭାଗର କର୍ମଚାରୀମାନେ ମକ୍‌ଡ୍ରିଲ କରୁଛନ୍ତି।

ବିଭିନ୍ନ ଜନଗହଳି ସ୍ଥାନରେ ନିଆଁ ଲାଗିଥିଲେ ତାକୁ କିଭଳି ଆୟତ୍ତ କରାଯିବ ସେ ବିଷୟରେ ଉଦାହରଣ ଦେଇ ଦେଖାଇଥିଲେ। ଏଥିସହ ନିଆଁ ନ ଲାଗିବା ପାଇଁ ଜନସାଧାରଣ କିପରି ସତର୍କତା ଅବଲମ୍ବନ କରିବେ ସେ ନେଇ ସଚେତନ କରିଥିଲେ। ସଚେତନତା କାର୍ଯ୍ୟକ୍ରମ ସମୟରେ ଡ଼ାକ୍ତରଖାନାର ସମସ୍ତ କର୍ମଚାରୀ ଏବଂ ଡାକ୍ତରଖାନାକୁ ଆସିଥିବା ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

**ଭବାନୀପାଟଣା,୨୧।୪(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଜଣେ ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଜିଲାର ଜୟପାଟଣା ଥାନା କୁହୁରିଗୁମା ଗାଁରେ ଗତ ୨୦୧୯ ମସିହାରେ ହତ୍ୟାକାଣ୍ଡ ଘଟିଥିଲା। ଏହି ଗାଁର ଅଗସ୍ତି ମାଝି ତାଙ୍କ ସ୍ତ୍ରୀ ବେଲଙ୍କ ଚରିତ୍ରକୁ ସନ୍ଦେହ କରି ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଅଗସ୍ତିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲା କୋର୍ଟରେ ଚାଲିଥିଲା। ଯାହାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଧର୍ମଗଡ଼ ଅତିରିକ୍ତ ଜିଲା ଦୌରା ଜଜ୍ ବନ୍ଦନା କର ସମସ୍ତ ସାକ୍ଷୀ ପ୍ରମାଣକୁ ଆଧାରକରି ଅଭିଯୁକ୍ତ ଅଗସ୍ତି ମାଝିଙ୍କୁ ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଆହୁରି ବର୍ଷେ ଜେଲ୍ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ନାଗ ପରିଚାଳନା କରିଥିଲେ।

## ସଟ୍ଟା ଚଢାଉ: ଜଣେ ଗିରଫ

**କୁନାଗଡ଼, ୨୧।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଅଞ୍ଚଳରେ ସଟ୍ଟାଖେଳ ଗାଁ ଠାରୁ ସହର ଚାରିଆଡେ ଚାଲୁଥିବାବେଳେ ଏହି ସଟ୍ଟାଖେଳି ଲୋକେ ସର୍ବସୱାନ୍ତ ହେଉଛନ୍ତି। କମ ସମୟରେ ଅଧିକ ଅର୍ଥ ଉପାର୍ଜନା କରିବା ଆଶାରେ ଲୋକେ ଏହି ଖେଳ ଖେଳୁଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜୁନାଗଡ ପୋଲିସ ଏକ ସଟ୍ଟା ଆଡ୍ଡା ଉପରେ ଅତର୍କିତ ଚଢାଉ କରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ଜୁନାଗଡ଼ ବ୍ଲକ ତଳମଲା ଗ୍ରାମର ବୋଲି ଜଣାପଡିଛି। ଏହି ଚଢ଼ାଉ ସମୟରେ ତାଙ୍କଠାରୁ ନଗଦ ୪୫୦ଟଙ୍କା ଏକ ସଟ୍ଟାଚିଟ ଜବତ କରିଛି।

# ବନବାସୀଙ୍କ ଧାରଣା ପ୍ରତ୍ୟାହୃତ



ବନବାସୀଙ୍କ ଧାରଣା।

**ବୋଡ଼େନ,୨୧।୪(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ବୋଡ଼େନରେ ଚାଲିଥିବା ବନବାସୀଙ୍କ ଧାରଣା ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ପକ୍ଷରୁ ଗୁରୁବାର ଶତାଧିକ ବନବାସୀ ଏକ ଶୋଭାଯାତ୍ରାରେ ଆସି ୬ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୋଡେନ ବିଡିଓଙ୍କୁ ପ୍ରଦାନ କରିଥିଲେ। ଏହା ସହିତ ବୋଡେନ ବନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଶୁକ୍ରବାର ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟିର ଏକ ପ୍ରତିନିଧି ଦଳ ଖଡିଆଳ ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ଡିଏଫ୍‌ଓ ଶୁଶିଳ କୁମାର ତ୍ରିପାଠୀଙ୍କୁ ସାକ୍ଷାତକରି ଆଲୋଚନା କରିଥିଲେ। ଡିଏଫ୍‌ଓ ତ୍ରିପାଠୀ ବନବାସୀଙ୍କୁ ପଟ୍ଟା ପ୍ରଦାନ ନେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରତିନିଧି ଦଳଙ୍କୁ ଅବଗତ କରାଇବା ସହ କମିଟି ପକ୍ଷରୁ ଧାର୍ଯ୍ୟ ସମୟରେ ଗ୍ରାମକୁ ଯାଇ ସମସ୍ୟା ସମାଧାନର ରାସ୍ତା ବାହାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନର ପ୍ରତିନିଧି ଦଳରେ ହିରାଲାଲ ମାଝି, ଯୁଧିଷ୍ଠିର ସାହୁ ଓ ସୌଦାଗର ସାହୁ ସାମିଲ ଥିଲେ।

# ସରପଞ୍ଚ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

**ଦେଓଗାଁ,୨୧।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଧଣ୍ଡାମାଲ ପଞ୍ଚାୟତ ପରିସରରେ ଶୁକ୍ରବାର ବ୍ଲକ ସରପଞ୍ଚ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦିକା ଜ୍ୟୋତ୍ସ୍ନାମୟୀ ରଣାଙ୍କ ସଂଯୋଜନା ତଥା ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୨୬ ପଞ୍ଚାୟତର ସରପଞ୍ଚମାନେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପଞ୍ଚାୟତଗୁଡିକରେ ଉପୁଜୁ ଥିବା ସମସ୍ୟାର ସମାଧାନ କେମିତି ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ପଞ୍ଚାୟତଗୁଡିକରେ ବ୍ଲକ ତରଫରୁ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଉଥିଲେ ହେଁ ସଂପୃକ୍ତ ସରପଞ୍ଚଙ୍କୁ ଅବଗତ କରାଯାଉ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ସରପଞ୍ଚମାନେ ବ୍ଲକକୁ ଗଲେ ବସିବା ପାଇଁ କୌଣସି ସ୍ୱତନ୍ତ୍ର କୋଠରୀ ନାହିଁ। ଏହାଛଡା ଉନ୍ନୟନ କାମଗୁଡିକର ବିଲ କରିବାରେ ଅହେତୁକ ବିଳମ୍ବ, ପାନୀୟଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା, ଯେଉଁ ଗାଁରେ ଭଲରାସ୍ତା ନାହିଁ ସେହି ଗାଁ ତଥା ପଡାରେ ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନେବା ଆଦି ଦାବି ହୋଇ ଆସୁଥିଲେ ହେଁ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏହାର ପ୍ରତିବାଦରେ ସୋମବାର ଦିନ ବ୍ଲକ ସରପଞ୍ଚ ସଂଘ ତରଫରୁ ବ୍ଲକ ଘେରାଉ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତ । ଶେଷରେ ସରପଞ୍ଚ ମହେନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# କଳାହାଣ୍ଡି ମିଳିତ ଅମଲା ସଂଘର ଦାବିପତ୍ର



ମିଳିତ ଅମଲା ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଭବାନୀପାଟଣା, ୨୧।୪(ସ୍ୱ.ପ୍ର)**

କଳାହାଣ୍ଡି ଜିଲା ମିଳିତ ଅମଲା ମଞ୍ଚର ଅଧକ୍ଷ ଜିତେନ୍ଦ୍ର କୁମାର ମୁଣ୍ଡଙ୍କ ନେତୃତ୍ୱରେ ଶୁକ୍ରବାର ଭବାନୀପାଟଣାରେ ମିଳିତ ଅମଲା ମଞ୍ଚ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ବ୍ଲକର କୋଣ ଅନୁକୋଣରୁ ବିଭିନ୍ନ କାର୍ଯ୍ୟାଳୟର ଅମଲାମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇ ମିଶନ ଗ୍ରେଡ ପେ ୪୨୦୦ ଦାବିକରି ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଶୋଭାଯାତ୍ରାରେ ୫୦୦ରୁ ଊର୍ଦ୍ଧ୍ୱ ଅମଲା କର୍ମଚାରୀ ଯୋଗଦେଇ ନିଜ ଅଧିକାର ସମ୍ପର୍କରେ ଦୃଢୋକ୍ତି ପ୍ରକାଶ କରିଥିଲେ। ଏଥିରେ ମିଳିତ ଅମଲା ସଂଘର ଆବାହକ ଆଶୁତୋଷ ମିଶ୍ର, ସଭାପତି ସୁକାନ୍ତ କୁମାର ମହାପାତ୍ର, ଟ୍ରେଜେରି ସଙ୍ଗର ସଭାପତି ସମରେନ୍ଦ୍ର ପଣ୍ଡା, ରାଜକିଶୋର ସାହୁ, ଟଙ୍କଧର ସାହୁ, ବ୍ରଜକିଶୋର ମୁଣ୍ଡ, ଦେବରାଜ ଛତ୍ରିଆ,ନୀଳକଣ୍ଠ ମୁଣ୍ଡ, ହୃଦାନନ୍ଦ ବାଗ ସମେତ ସବୁ ଅମଲା କର୍ମଚାରୀ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ଦେଓଗାଁ ନର୍ସରୀ ବୁଲି ଦେଖିଲେ ଆରସିସିଏଫ୍ ଓ ବନଖଣ୍ଡ ଅଧିକାରୀ

**ଦେଓଗାଁ,୨୧।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ଅନ୍ତର୍ଗତ ଦେଓଗାଁ ସୁନାଆଡକି ଜଙ୍ଗଲରେ ନୂତନ ଭାବେ ନିର୍ମାଣ ନର୍ସରୀକୁ ଶୁକ୍ରବାର ଆରସିସିଏଫ ଅଶ୍ୱିନୀ କର ଓ ବନଖଣ୍ଡ ଅଧିକାରୀ ନିତିଶ କୁମାର ପରିଦର୍ଶନ କରିଛନ୍ତି। ଏହାସହ ସୁନାଆଡକି ପ୍ରୋଜେକ୍ଟକୁ ଲାଗି ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପାହାଡ ଓ ଜଙ୍ଗଲରେ କେମିତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଇ ଏକ ପିକନିକ୍ ସ୍ପଟ କରାଯାଇପାରିବ ସେ ଉପରେ ଆଲୋଚନା କରିଥିଲେ ।ଏଥିପାଇଁ ରାଜ୍ୟ ସରକାରଙ୍କ ନଗରବନ୍ଧ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ପଠାଇଥିବା ବନଖଣ୍ଡ ଅଧିକାରୀ ନିତିଶ କୁମାର ସୂଚନା ଦେଇଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପରିବେଶରେ ନର୍ସରୀକୁ ଦେଖି ଆରସିସିଏଫ ଖୁସି ବ୍ୟକ୍ତ କରିଥିଲେ। ଏହାସହ ଜଙ୍ଗଲ ବିଭାଗ ତରଫରୁ କେମିତି ଜଙ୍ଗଲ ସୁରକ୍ଷା ହୋଇପାରିବ ଓ ନୂତନ ଜଙ୍ଗଲ ସୃଷ୍ଟି ହୋଇପାରିବ ସେ ଉପରେ ଦେଓଗାଁ ରେଞ୍ଜ କାର୍ଯ୍ୟାଳୟରେ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଫରେଷ୍ଟର ପିଙ୍କୁ ଭୋଇ, ଫରେଷ୍ଟ ଗାର୍ଡ ବିପିନ ଭୋଇ ତଥା କର୍ମଚାରୀ ଉପସ୍ଥିତ ଥିଲେ।



ଦେଓଗାଁ ସୁନାଆଡକି ଜଙ୍ଗଲରେ ହୋଇଥିବା ନୂତନ ନର୍ସରୀକୁ ଅଧିକାରୀ ପରିଦର୍ଶନ କରୁଛନ୍ତି।

# ଗୁଡହାଣ୍ଡି ଡୋକରିଚଞ୍ଚରା ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ଡବ୍ଲ୍ୟୁଓଡିସି ସିଇଓ ଏବଂ ଅନ୍ୟ ଅଧିକାରୀଙ୍କ ପରିଦର୍ଶନ**

**କୋକସରା,୨୧।୪(ଡି.ଏନ.ଏ)**

ଶୁକ୍ରବାର କଳାହାଣ୍ଡି ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଗୁଡ଼ହାଣ୍ଡି ଡୋକରିଚଞ୍ଚରା ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଛନ୍ତି ପଶ୍ଚିମ ଓଡିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି)ର ସିଇଓ ଅଜିତ କୁମାର ମିଶ୍ର ଓ ଅନ୍ୟ ଅଧିକାରୀ। ସେମାନଙ୍କ ସହ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, କୋକସରା ବିଡ଼ିଓ ଉତ୍ତମ ବାଗ, ପ୍ଲାନିଂ ଅଧିକାରୀ ସୁନିଲ କୁମାର ନାୟକ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା, ଧର୍ମଗଡ଼ ରେଞ୍ଜ ଅଧିକାରୀ ଭବାନୀ ଶଙ୍କର କାଉର ଓ ଗୁଡହାଣ୍ଡି ଉନ୍ନୟନ କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପର୍ଯ୍ୟଟନସ୍ଥଳୀରେ ପଶ୍ଚିମ ଓଡ଼ିଶା



ଡବ୍ଲ୍ୟୁଓଡିସିର ସିଇଓ ଏବଂ ଅନ୍ୟ ଅଧିକାରୀ ଗୁଡ଼ହାଣ୍ଡି ଡୋକରିଚଞ୍ଚରା ପରିଦର୍ଶନ କରୁଛନ୍ତି।

ବିକାଶ ପରିଷଦ ପକ୍ଷରୁ ୫୦ ଲକ୍ଷ ଟଙ୍କା ଅନୁଦାନରେ ଧର୍ମଗଡ଼ ବନ ବିଭାଗ ଦ୍ୱାରା ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ସିଇଓ ମିଶ୍ର ପର୍ଯ୍ୟଟନସ୍ଥଳୀରେ ପହଞ୍ଚି ବ୍ଲକ ଉପାଧକ୍ଷ, ବିଡ଼ିଓ, ଜଙ୍ଗଲ ବିଭାଗ ଅଧିକାରୀଙ୍କ ସହ ଉନ୍ନୟନ କାର୍ଯ୍ୟ ବୁଲି ଦେଖିବା ସହ ଆଗକୁ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମିର ବିକାଶ ଓ ଇକୋ ଟୁରିଜମ ଉପରେ ଆଲୋଚନା କରିଥିବା ଜଣାପଡ଼ିଛି। ଏହାସହ ସିଇଓ ମିଶ୍ର ପ୍ରାୟ ୩ କିଲୋମିଟର ପାହାଡ଼ ଚଢି ଗୁଡହାଣ୍ଡି, ପ୍ରାଗ ଐତିହାସିକ ଶିଳାଲିପି ଓ ଯୋଗି ପାହାଡ ଦେଖିବା ସହ ପର୍ଯ୍ୟଟନସ୍ଥଳୀରେ ଅନେକ ଐତିହାସିକ ପୃଷ୍ଠଭୂମି ରହିଥିବା କହିଛନ୍ତି। ସିଇଓଙ୍କ ସହ ଗୁଡହାଣ୍ଡି ଉନ୍ନୟନ କମିଟିର ସଦସ୍ୟ ଭଦ୍ରେଶ୍ୱର ପାତ୍ର, ଘନଶ୍ୟାମ ନାଏକ, ଗିରିଧାରୀ ଧ. ମାଝୀ, ଭୁବନାନନ୍ଦ ନାଏକ, ହିମାଞ୍ଚଳ ପାତ୍ର, ଦୁଷ୍ମନ୍ତ ପାଇଯୋଷୀ, ଫରେଷ୍ଟ ଗାର୍ଡ ସୁଧାଂଶୁ ସାହୁ, ବିଭୂତି ନାଏକ, ସଞ୍ଜୟ ସିଙ୍ଘଲ, ରବି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ପରେ ସିଇଓ କୋକସରା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବ୍ଲକର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବିଷୟରେ ବିଭାଗୀୟ ଅଧିକାରୀ ଓ ବ୍ଲକ ଉପାଧକ୍ଷଙ୍କ ସହ ରିଭ୍ୟୁ ମିଟିଂରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ଜିଲା ତୈଳିକ ବୈଶ୍ୟ ସମାଜର ସାଙ୍ଗଠନିକ ବୈଠକ

ପଦ୍ମପୁର,୨୧।୪(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ପୁରୋହିତ କଲ୍ୟାଣ ମଣ୍ଡପଠାରେ ଜିଲା ତୈଳିକ ବୈଶ୍ୟ ସମାଜର ସାଙ୍ଗଠନିକ ସଭା ସଭାପତି ଭିକାରୀ ଚରଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ସମାଜର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ପଦ୍ମପୁର, ସୋହେଲା, ବିଜେପୁର, ଭେଡେନ, ଅମ୍ବାଭୋନା, ପାଇକମାଳ, ଝାରବନ୍ଧ ବ୍ଲକର ସମାଜ ପ୍ରତିନିଧି ଯୋଗଦାନ କରିଥିଲେ। ପୂର୍ବତନ ସଭାପତି ମନୋରଞ୍ଜନ ସାହୁ, ସମ୍ପାଦକ ପରମେଶ୍ୱର ସାହୁ, କୋଷାଧକ୍ଷ ବେଣୁଧର ସାହୁ, ମୀନକେତନ ସାହୁ, ଜୀବର୍ଦ୍ଧନ ସାହୁ ନୂତନ କମିଟିର ସମ୍ପାଦକ ଡ. ଭକ୍ତ ପୁରନ ସାହୁ, ଯୁଗ୍ମ ସମ୍ପାଦକ ଡ. ବିରଞ୍ଚି ସାହୁଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଉପ ସଭାପତି ମାର୍କଣ୍ଡ ସାହୁ, ଯଶୋବନ୍ତ ସାହୁ, ସ୍ୱର୍ଣ୍ଣକାନ୍ତି ସାହୁ, ରାଜେନ୍ଦ୍ର ସାହୁ, ଆଇନଜୀବୀ ରାଜକିଶୋର ସାହୁ, କେଶବ ସାହୁ, ବଳରାମ ସାହୁ, ସୁରେଶ ସାହୁ, ଦୁଷ୍ମନ୍ତ ସାହୁ, ବିରେନ୍ଦ୍ର ସାହୁ, ମକୁନ୍ଦ ସାହୁ, କନକ ମଞ୍ଜରୀ ସାହୁ, ତେଜବାଳୀ ସାହୁ, ଅଶ୍ୱିନୀ ସାହୁ, ବୈକୁଣ୍ଠ ସାହୁ, ଲିଙ୍ଗରାଜ ସାହୁ, ନବକିଶୋର ମେହେର, ବସୁଧା ସାହୁ, ଉପେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସାମ୍ବାଦିକ ଗୋଷ୍ଠୀକେନ୍ଦ୍ରର ଭୂମିପୂଜନ



ଝାରବନ୍ଧ, ୨୧।୪(ଡି.ଏନ.ଏ.): ଝାରବନ୍ଧ ବ୍ଲକରେ କାର୍ଯ୍ୟରତ ଖବରଦାତାମାନଙ୍କ ପାଇଁ ଏକ ଗୋଷ୍ଠୀକେନ୍ଦ୍ରର ଭୂମିପୂଜନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଏହାର ଭୂମିପୂଜନ କରିଥିଲେ। ଗତ ଉପନିର୍ବାଚନ ସମୟରେ ଝାରବନ୍ଧ ସାମ୍ବାଦିକ ସଂଘ ପକ୍ଷରୁ ଏକ ସ୍ଥାୟୀ କାର୍ଯ୍ୟାଳୟ କରିବାକୁ ଦାବି କରାଯାଇଥିଲା। ଏହି ଉତ୍ସବରେ ବିଜେଡି ରାଜ୍ୟ ସମ୍ପାଦକ ରାଜୁ ଘିବେଲା, ବ୍ଲକ ଅଧକ୍ଷା ଲିପ୍ସା ପ୍ରଧାନ ବିଧାୟିକା ବରିହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଡ଼ିଓ ରାମକୃଷ୍ଣ ମିଶ୍ର, ସହକାରୀ ଯନ୍ତ୍ରୀ ଅନୁପମ ପ୍ରକାଶ ବେହେରା, କନିଷ୍ଠ ଯନ୍ତ୍ରୀ ସ୍ୱାଧୀନ କୁମାର ଦାସ, ବ୍ଲକ ବିଜେଡି ସଭାପତି ଯତୀନ ହାତୀ, ପୂର୍ବତନ ବ୍ଲକ ଅଧକ୍ଷ ବିଜୟ କେତନ ପ୍ରଧାନ, ମାନଭଞ୍ଜନ ବେହେରା, କୁମୁଦିନୀ ସାହୁ, ସାମ୍ବାଦିକ ସଂଘର ନକୁଳ ସାହୁ, ଜୋହନ କୁମାର, ଦେବେନ୍ଦ୍ର ସାହୁ, ପ୍ରଦୀପ ପ୍ରଧାନ, ଶିବ ପ୍ରସାଦ ପଟେଲ, କୌଶିକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମାନଭଞ୍ଜନ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

ପଦ୍ମପୁର,୨୧।୪(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଉଚ୍ଚବିଦ୍ୟାଳୟ ପରିସରରେ ସ୍ୱର୍ଗତ ମାନଭଞ୍ଜନ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମନୋରଞ୍ଜନ ସିଂହ ବରିହାଙ୍କ ସଭାପତିତ୍ୱରେ ପୁରାତନ ଛାତ୍ର ସଂସଦର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଜୟନାରାୟଣ ତ୍ରିପାଠୀ, ଅଶୋକ ବହିଦାର, ସଦାନନ୍ଦ ପୁରୋହିତ, ଚନ୍ଦ୍ରଶେଖର ପୁରୋହିତ, ଗୋବିନ୍ଦ ପାଣିଗ୍ରାହୀ, ବିରଞ୍ଚି ସାହୁ, ରବିନାରାୟଣ ଦୋରା, ପୁରନ୍ଦର ଦୋରା, ରାଜକିଶୋର ଯୋଷୀ, ଗଙ୍ଗାଧର ପାଢୀ ପ୍ରମୁଖ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ତହସିଲ ଅଫିସ ଘେରିଲା ଚାଷୀ ସଙ୍ଗଠନ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ**

ପାଇକମାଳ,୨୧।୪(ଡି.ଏନ.ଏ.)




ଚାଷୀମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବିଦ୍ୟୁତ୍ ବିଲ୍ ଛାଡ ଦାବି କରି ପାଇକମାଳ ବ୍ଲକ ଜୟ କିଷାନ ଚାଷୀ ସଙ୍ଗଠନ ତରଫରୁ ଶୁକ୍ରବାର ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଚାଷୀ ସଙ୍ଗଠନ ସଭାପତି ବିଶ୍ୱନାଥ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଳକୃଷ୍ଣ ବନଛୋର, ରାହସ ବିହାରୀ ସାହୁ, ବିପିନ ବିହାରୀ ଠାକୁର, ଯୁଧିଷ୍ଠିର ସାହୁ, ହର ବଣିଆ, ଶୁଶିଲ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କୃଷି କ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ୍ ବିଲ୍ ସମ୍ପୂର୍ଣ୍ଣ ଛାଡ, ବିଦ୍ୟୁତ୍ କ୍ଷେତ୍ରର ଘରୋଇକରଣ ବନ୍ଦ, ପ୍ରତ୍ୟେକ ପରିବାରକୁ ମାସକୁ ମାଗଣା ୨୦୦ ୟୁନିଟ୍ ବିଦ୍ୟୁତ୍ ଯୋଗାଇଦେବା, ଚାଷୀମାନଙ୍କ ନଳକୂପ ଖନନ ପାଇଁ ପୂର୍ବରୁ ପଇଠ ଅର୍ଥରେ ଶୀଘ୍ର ନଳକୂପ ଖନନ କରାଯିବା ଆଦି ଦାବି ନେଇ ଚାଷୀମାନେ ସରକାରଙ୍କ ଉପରେ ବର୍ଷିଥିଲେ। ପରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଇକମାଳ ତହସିଲଦାର ଅକ୍ଷୟ କୁମାର ବାଘଙ୍କୁ ୪ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ରବିନାରାୟଣ ସାହୁ, ବଳରାମ ସାହୁ, ବନମାଳି ଚନ୍ଦନ, ସଚିଦା ନାଗ ପ୍ରମୁଖ ବହୁ ଚାଷୀ ଉପସ୍ଥିତ ଥିଲେ।

# ପାଣି ନ ଦେଲେ ବିଦ୍ୟୁତ୍ ସଂଯୋଗ ବନ୍ଦ

ବରପାଲି,୨୧।୪(ଡି.ଏନ.ଏ.)

**ଗଙ୍ଗାଧର ମେହେର ମେଗା ଜଳସେଚନ ପ୍ରକଳ୍ପ**

ବରଗଡ଼ ଜିଲା ବିଜେପୁର ନିର୍ବାଚନ ମଣ୍ଡଳୀର ବରପାଲି ଓ ବିଜେପୁର ବ୍ଲକର କେତେକ ଗ୍ରାମର ଚାଷଜମି ଜଳସେଚିତ କରିବା ଉଦ୍ଦେଶ୍ୟରେ ଗଙ୍ଗାଧର ମେଗା ଜଳପ୍ରକଳ୍ପ ଯୋଜନା କରାଯାଇଛି। ମାତ୍ର ଏହି ପ୍ରକଳ୍ପରୁ ବରପାଲି ବ୍ଲକର ଗୋପାଇପାଲି, ବନ୍ଧପାଲି ଓ ବିଜେପୁର ବ୍ଲକର ସୂରୁବାଲି ଗ୍ରାମପଞ୍ଚାୟତ ଅଞ୍ଚଳକୁ ପାଣି ଯୋଗାଇ ଦିଆଯିବ ନାହିଁ ବୋଲି ଜଣାପଡିଛି। ଉକ୍ତ ତିନି ପଞ୍ଚାୟତକୁ ପାଣି ଯୋଗାଇ ଦେବା ପାଇଁ ପୂର୍ବରୁ ଯୋଜନା ଥିବାବେଳେ ଏବେ ଉକ୍ତ ପଞ୍ଚାୟତର ନାମ ନ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁକ୍ରବାର ବରଗଡ଼ ଏସ୍‌ଡିପିଓ ଅମରିତ ପଣ୍ଡା, ବରପାଲି ତହସିଲଦାର ରୁକ୍ମଣ ମେହେର ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ସହ ମେଗା ପ୍ରକଳ୍ପ ପାଇଁ ବିଦ୍ୟୁତ୍ ସଂଯୋଗ ପାଇଁ ୩୩ କେଭି ତାର ଟାଣିବାକୁ ଯିବା ସମୟରେ ଚାଷୀମାନେ ପ୍ରବଳ ବିରୋଧ କରିଥିଲେ। ଉକ୍ତ ୩ ପଞ୍ଚାୟତ ଅଞ୍ଚଳକୁ ପାଣି ନ ଦେଲେ ବିଦ୍ୟୁତ୍ ସଂଯୋଗ କରାଇ ଦେବୁନି ବୋଲି ଚାଷୀମାନେ କହିଥିଲେ। ଶେଷରେ ବିଧାୟକ ସୁଶାନ୍ତ ସିଂ ଏଥିରେ ହସ୍ତକ୍ଷେପ କରି ଚାଷୀମାନଙ୍କୁ ଭୁବନେଶ୍ୱର ନେଇ ସେଠାରେ ଆଲୋଚନା କରି ସମସ୍ୟାର ସମାଧାନ କରିବେ ବୋଲି କହିଥିଲେ। ତେଣୁ ଆସନ୍ତା ୨୫ ତାରିଖ ଯାଏ କାର୍ଯ୍ୟ ସ୍ଥଗିତ ରଖାଯାଇଛି ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

# ଆର୍‌ଡିସିଙ୍କୁ ଭେଟିଲା ଜିଲା ଓକିଲ ସଂଘ

ବରଗଡ଼ ଅଫିସ,୨୧।୪



ଆରଡିସିଙ୍କୁ ଭେଟିଥିବା ଓକିଲ ସଂଘର ପ୍ରତିନିଧିବୃନ୍ଦ।

ବରଗଡ ଜିଲା ଓକିଲ ସଂଘର ଏକ ପ୍ରତିନିଧି ଦଳ ଶୁକ୍ରବାର ବିଭିନ୍ନ ଦାବି ନେଇ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡ଼ିସି) ସୁରେଶ ଚନ୍ଦ୍ର ଦଳାଇଙ୍କୁ ଭେଟିଥିଲେ ଏବଂ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବରଗଡଠାରେ ସ୍ଥାପିତ ଯୁଗ୍ମ ଚକବନ୍ଦୀ ଓ ବନ୍ଦୋବସ୍ତ ଆୟୁକ୍ତଙ୍କ କୋର୍ଟ ଆସନ୍ତା ମେ ୧ରୁ ଆରମ୍ଭ କରାଯିବ ବୋଲି ଆରଡିସି ଦଳାଇ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଏ ସଂକ୍ରାନ୍ତରେ ଆଦେଶପତ୍ରର ଚିଠି ପ୍ରଦାନ କରିଥିଲେ। ଏହି ପ୍ରତିନିଧି ଦଳ ବରଗଡଠାରେ ଲେବର କୋର୍ଟ ଖୋଲିବାକୁ ଦାବି ରଖିଥିଲେ। ଏହି ଦାବିକୁ ଆରଡିସି ଗ୍ରହଣ କରି ସେ ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଶୀଘ୍ର ପଦକ୍ଷେପ ନେବେ ଏବଂ ଶୀଘ୍ର ବରଗଡଠାରେ ଲେବର କୋର୍ଟର କ୍ୟାମ୍ପ କୋର୍ଟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବରଗଡ ସହରରୁ ଅମ୍ବାପାଲି ସଂଲଗ୍ନ କରୁଥିବା ଜିରା ନଦୀ ଉପରେ ନୂତନ ବ୍ରିଜକୁ ଯଥାଶୀଘ୍ର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରାଯିବା ସହ ଏହି ସେତୁର ନାମକରଣ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଫକୀର ବେହେରାଙ୍କ ନାମରେ ନାମିତ କରିବାକୁ ଦାବି କରାଯାଇଥିଲା। ପ୍ରତିନିଧି ଦଳରେ ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ, ସମ୍ପାଦକ ଉତ୍ତର କୁମାର ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ବରିଷ୍ଠ ସଦସ୍ୟ ଶିରିଶ ବଲ୍ଲଭ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ଏହି ପ୍ରତିନିଧି ଦଳ ଯୁଗ୍ମ ଚକବନ୍ଦୀ ଓ ବନ୍ଦୋବସ୍ତ ଆୟୁକ୍ତ ସୁଶାନ୍ତ କୁମାର ପଟେଲଙ୍କୁ ମଧ ସାକ୍ଷାତ କରି ମେ ୧ତାରିଖରେ ବରଗଡ ଆସିବାକୁ ନିମନ୍ତ୍ରଣ କରିଥିଲେ।

# ଅଭିଭାବକ, ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

**ମଲ୍ଲିକମୁଣ୍ଡା କ୍ଲଷ୍ଟର**

ସୋନପୁର,୨୧।୪(ନି. ପ୍ର)

ଚଳିତ ଶିକ୍ଷାବର୍ଷର ପ୍ରଥମ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଶୁକ୍ରବାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋନପୁର ବ୍ଲକ ମଲ୍ଲିକମୁଣ୍ଡା କ୍ଲଷ୍ଟରରେ ବୈଠକ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଗୋଷ୍ଠୀ ସଂପୃକ୍ତି ଆବଶ୍ୟକତା ସର୍ବଦା ଏକାନ୍ତ ଅପରିହାର୍ଯ୍ୟ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଉକ୍ତ ବୈଠକରେ ବିଦ୍ୟାଳୟର ବୌଦ୍ଧିକ ଓ ସହବୌଦ୍ଧିକ ସମ୍ପର୍କରେ ମୋଟ ୧୩ ଗୋଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା । ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଣ, ପ୍ରବେଶ ଉତ୍ସବ ଓ ପୂର୍ଣ୍ଣ ଉପସ୍ଥାପନ ଦିବସ, ଶିକ୍ଷା ସଚେନେତା ରଥ ପରିକ୍ରମାର ମହତ୍ତ୍ୱ, ଗ୍ରୀଷ୍ମ ଅବକାଶରେ ଗୃହକାର୍ଯ୍ୟ, ଅଂଶୁଘାତ ପ୍ରତି ସାବଧାନତା, ଅଭିଭାବକମାନଙ୍କ ପାଇଁ ସାଇବର ସଚେତନତା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ସଚେତନତା କାର୍ଯ୍ୟକ୍ରମ ଓ ଶିକ୍ଷାର ଉତ୍କର୍ଷ ସମ୍ପର୍କରେ ଆଲୋଚନା ହୋଇଥିଲା। ମଲ୍ଲିକମୁଣ୍ଡା କ୍ଲଷ୍ଟର ଅନ୍ତର୍ଗତ କଇଁଫୁଲ ସ୍କୁଲରେ ୨୬ ଜଣ, ମଲ୍ଲିକମୁଣ୍ଡାରେ ୨୭ ଜଣ ,କସୁରପାଲିଠାରେ ୫୫ ଜଣ କର୍ଲାଖମନଠାରେ ୨୩ ଜଣ , ମେଦିନିପାଲିଠାରେ ୨୮ ଜଣ , ଗଡ଼ିଆରେ ୫୪ ଜଣ, ସାଗରପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୯୯ ଜଣ .ଓ ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟଠାରେ ୭୧ ଜଣ ଅଭିଭାବକ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ତଦାରଖ ପାଇଁ ଆଞ୍ଚଳିକ ସଂଯୋଜକ ଦୋଳଗୋବିନ୍ଦ ପଣ୍ଡା ସମସ୍ତ ବିଦ୍ୟାଳୟକୁ ଯାଇ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଆଧ୍ୟାତ୍ମିକ ପରିବେଶରେ ଶାନ୍ତି ପ୍ରତିଷ୍ଠା ସମ୍ଭବ

ବରଗଡ଼ ଅଫିସ,୨୧।୪

ସାମ୍ପ୍ରତିକ ସମାଜରେ ଆଧ୍ୟାତ୍ମିକ ପରିବେଶ ମାଧ୍ୟମରେ ହିଁ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ବରଗଡ଼ ଲୋକ ମଣ୍ଡପ ପଡିଆଠାରେ ଆୟୋଜିତ ନବ ଦିନାତ୍ମକ ସ୍ୱଧର୍ମ ଚେତନା ରାମ ଚରିତ ମାନସ ପ୍ରବଚନ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ପ୍ରବକ୍ତା ଅନନ୍ତ ଚରଣ ମହାରାଜ କହିଛନ୍ତି। ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରବଚନ କାର୍ଯ୍ୟକ୍ରମ ଗୁରୁବାର ରାତିରେ ସମାପନ ହୋଇଥିଲା। ଅନ୍ତିମ ଦିବସରେ ୫ରୁ ଉର୍ଦ୍ଧ୍ୱ କର୍ତ୍ତା ଯୋଗଦେଇ ଯଜ୍ଞର ପୂର୍ଣ୍ଣାହୂତିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ କଲ୍ୟାଣୀ ଦାଶ, ଜିଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା, ପୌରାଧକ୍ଷା କଳ୍ପନା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଂକୀର୍ତ୍ତନ ପରିଷଦ ତରଫରୁ ସନାତନ ଧର୍ମ ସୁରକ୍ଷା ଉଦ୍ୟମୀ ପ୍ରଦୀପ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ଏବଂ ସ୍ୱଧର୍ମ ଚେତନା ପରିଷଦର ପ୍ରତିଷ୍ଠାତା ବାବା ଅନନ୍ତ ଚରଣ ମହାରାଜଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିଷଦର ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା, କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ, ସଂଯୋଜକ ଗୋପବନ୍ଧୁ ପୁରୋହିତ, ତ୍ରିଲୋଚନ ଶତପଥୀ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।



ଉଦ୍‌ଯାପନୀ ସମାରୋହରେ ପୂର୍ଣ୍ଣାହୂତି କରାଯାଉଛି।

# ଶିକ୍ଷକ, କର୍ମଚାରୀ ପଦବୀ ପୂରଣ ପାଇଁ ପ୍ରସ୍ତାବ

**ଅଭିଭାବକ, ଶିକ୍ଷକ ସଂଘ ବୈଠକ**



ରାଣାପ୍ରତାପ ସ୍କୁଲରେ ଶିକ୍ଷକ, ଅଭିଭାବକ ସଂଘ ବୈଠକ।

ବରଗଡ଼ ଅଫିସ,୨୧।୪

ବରଗଡ଼ ରାଣାପ୍ରତାପ ସ୍କୁଲ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅଭିଭାବକ, ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଗୋପବନ୍ଧୁ ପୁରୋହିତ ସ୍ୱାଗତ ଭାଷଣ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ଅଧକ୍ଷା ପଦ୍ମିନୀ ଗଡ଼ତିଆ ବୈଠକର ଆଭିମୁଖ୍ୟ କହିଥିଲେ। ବୈଠକରେ ଶୈକ୍ଷିକ କ୍ୟାଲେଣ୍ଡର, ମାଗଣା ପାଠ୍ୟପୁସ୍ତକ ବଣ୍ଟନ, ପ୍ରବେଶ ଉତ୍ସବ, ପୂର୍ଣ୍ଣ ଉପସ୍ଥାନ, ଶିକ୍ଷା ସଚେତନତା, ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଅଭିବୃଦ୍ଧି, ଗ୍ରୀଷ୍ମ ଅବକାଶରେ ଗୃହକାର୍ଯ୍ୟ, ଅଂଶୁଘାତ ପ୍ରତି ସାବଧାନତା, ଅନ୍‌ଲାଇନ ସୁରକ୍ଷା ସମ୍ବନ୍ଧୀୟ କିଛି ଭ୍ରାନ୍ତ ଧାରଣାର ସତ୍ୟତା ଏବଂ ସମାଧାନ, ସାଇବର ସଚେତନତା, ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ ଉତ୍କର୍ଷ ଶିକ୍ଷା ବ୍ୟବସ୍ଥା ଆଦି ଆଲୋଚନା ହୋଇଥିଲା। ଅଭିଭାବକମାନଙ୍କ ଠାରୁ ସର୍ବାଙ୍ଗୀନ ଉନ୍ନତି ପାଇଁ ଗଠନ ମୂଳକ ପ୍ରସ୍ତାବରେ ଅଭିଭାବିକା ପଦ୍ମିନୀ ମେଣ୍ଡୁଲି, ହେମାଙ୍ଗିନୀ ବେହେରା ପ୍ରମୁଖ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ଓ କର୍ମଚାରୀ ପଦବୀ ତୁରନ୍ତ ପୂରଣ ପାଇଁ ପ୍ରସ୍ତାବ ଆଗତ କରିଥିଲେ। ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶିକ୍ଷୟିତ୍ରୀ ଭାବନା ସାହୁ, ନୀଳିମା ପ୍ରଧାନ, ସୁଧାଂଶୁ ସାହୁ, ସୁନିତା ମିଶ୍ର, ଗୀତା ଜାଲ, ବବିତା ନାଏକ, ତପସ୍ୱିନୀ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୁଜେନ ସ୍କୁଲରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ

ପଦ୍ମପୁର,୨୧।୪(ଡି.ଏନ.ଏ.)

ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମାଧବ ବରିହାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷାର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାର ଗ୍ରୀଷ୍ମାବକାଶ ଘୋଷଣା କରିଛନ୍ତି । ପିଲାଙ୍କ ପାଠ୍ୟ ଭରଣା ପାଇଁ ଅବକାଶକାଳୀନ ପାଠ୍ୟକ୍ରମ ପ୍ରସ୍ତୁତ ହୋଇଛି ଯାହା ପିଲାଙ୍କୁ ଡିଜିଟାଲ ପ୍ଲାଟଫର୍ମରେ ଦିଆଯିବ। ଶିକ୍ଷୟିତ୍ରୀ ଶିକ୍ଷକଗଣ ଶୈକ୍ଷିକ ସହାୟତା ପ୍ରଦାନ କରିବେ ବୋଲି ସୂଚନା ଦିଆଯାଇଥିଲା। ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ ଧନ୍ୟବାଦ ଜ୍ଞାପନ ଅର୍ପଣ କରିଥିଲେ। ବିଦ୍ୟାଳୟରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ସିଆଲଖଣ୍ଡହଥା ପ୍ୟାକ୍ସର ବାର୍ଷିକ ସାଧାରଣ ସଭା

ଭେଡ଼େନ,୨୧।୪(ଡି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସିଆଲଖଣ୍ଡହଥା ପ୍ୟାକ୍ସର ବାର୍ଷିକ ସାଧାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ୟାକ୍ସ ସଭାପତି ଗଇଧଲ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗେଲ ପଧାନ, ପ୍ରେମରାଜ ଅଦାବର, ବରୁଣ ଭୋସାଗର, ଗୋପାଳ ନାଏକ, ଯୁବରାଜ ଭୁଏ, ପ୍ରଦୀପ ଅମାତ, ରୁଦ୍ର ବଘାର, ମଞ୍ଜୁସା ନାଏକ, ଶ୍ରୀମାକୁମାରୀ ସେଟ, ସନ୍ତୋଷ ସେଟ, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ୧୫ଜଣ ନିର୍ଦ୍ଦେଶକଙ୍କ ସମେତ ମହୁଲପାଲି, ସିଆଲଖଣ୍ଡହଥା, ସୁନାଲରମ୍ଭା ଏବଂ ଲୁହାଖଣ୍ଡି ପଞ୍ଚାୟତର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ୨୦୧୬ ମାର୍ଚ୍ଚ ୩୦ରେ ପ୍ୟାକ୍ସର ରାତ୍ର ଜଗୁଆଳିଙ୍କ ନାମରେ ଚଞ୍ଚକତା କରି ୮୦ ହଜାର ଟଙ୍କା ଅଗ୍ରୀମ ଦରମା ଉଠାଯାଇଥିବା ଘଟଣା ନେଇ ବୈଠକରେ ଉତ୍ତେଜନା ପ୍ରକାଶ ପାଇଥିଲା। ନୂତନ ସମ୍ପାଦକ ଏବଂ ବୋର୍ଡ ସଦସ୍ୟମାନେ କିପରି ଉକ୍ତ ଟଙ୍କା ଅସୁଲ କରାଯିବ ସେ ନେଇ ପ୍ରସ୍ତାବ ଆଗତ କରିଥିଲେ। ସେହିପରି ଗଣ୍ଡତୁରୁମ ପୁରୁଣା ଗୋଦାମ ଗୃହ ପୁନରୁଦ୍ଧାର, ମହୁଲପାଲି ଓ ଲୁହାଖଣ୍ଡି ପଞ୍ଚାୟତରେ ନୂତନ ସମିତି ଖୋଲାଯିବା, ସମିତିର ଆଗ୍ରହୀ ସଦସ୍ୟଙ୍କ ଅଂଶଧନ ଫେରସ୍ତ ଏବଂ ଏଠାରେ ବହୁଦିନରୁ କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ଥାୟୀ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ପ୍ୟାକ୍ସର କର୍ମକର୍ତ୍ତା ଓ ସଦସ୍ୟଗଣ।

# ମିଳିତ ଅମଲା ମଞ୍ଚର ବିକ୍ଷୋଭ

ବରଗଡ଼ ଅଫିସ,୨୧।୪




ମିଳିତ ଅମଲା ମଞ୍ଚର ବିକ୍ଷୋଭ ଶୋଭାଯାତ୍ରା ।

ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲା କର୍ମଚାରୀଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରି ଚାଲିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ଶୁକ୍ରବାର ବରଗଡ଼ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ଚଳିତମାସ ଶେଷ ସୁଦ୍ଧା ସରକାର ଉକ୍ତ ଦାବି ପୂରଣ ନ କଲେ ଆସନ୍ତା ମେ ୧ତାରିଖରେ ମଞ୍ଚ ସରକାରଙ୍କୁ ଚରମପତ୍ର ଲେଖିବ। ଏହାସତ୍ତ୍ୱେ କିଛି ପଦକ୍ଷେପ ନିଆ ନ ଗଲେ ମେ ୨୨ତାରିଖରୁ ଅମଲା କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ। ତଥାପି ସରକାରଙ୍କ ନିଦ ନ ଭାଙ୍ଗିଲେ ଜୁନ ୧ରୁ ସମସ୍ତ ଅମଲା କର୍ମଚାରୀ ସମୂହ ଛୁଟିରେ ଯିବେ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ବରଗଡ଼ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଚେୟାରମ୍ୟାନ ନନ୍ଦ କୁମାର ମିଶ୍ରଙ୍କ ନେତୃତ୍ୱରେ ମଞ୍ଚର ସଦସ୍ୟା ସଦସ୍ୟ ଜିଲାପାଳଙ୍କ ଅଫିସକୁ ଆସିଥିଲେ।

## ସଂକ୍ଷେପରେ

### ପୃଥକ୍ ପୃଥକ୍ ଦୁଇଟି ଅପମୃତ୍ୟୁ ମାମଲା

ଲହୁଣୀପଡ଼ା, ୨୧।୪(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଲହୁଣୀପଡାଠାରେ ମୋଟର ଇଞ୍ଜିନ କାମ କରୁଥିବା ମିସ୍ତ୍ରୀଙ୍କ ଶୁକ୍ରବାର ଅସ୍ୱାଭାବିକ ମୃତ୍ୟୁ ହୋଇଯାଇଥିବା ଜଣାପଡିଛି। ଯୋଗେଶ କୁମାର ନିଶାଦ(୪୨) ପ୍ରାୟ ୧୮ ବର୍ଷ ହେବ ଲହୁଣୀପଡାଠାରେ ରହି ମୋଟର ଇଞ୍ଜିନ ମିସ୍ତ୍ରୀ ଭାବେ କାମ କରୁଥିଲେ। ସେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରିଥିଲେ ମଧ ଶୁକ୍ରବାର ମଧ୍ୟାହ୍ନରେ ତାଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ସେହିଭଳି ଚାନ୍ଦିପୋଷ ଥାନା ଅନ୍ତର୍ଗତ ଚନ୍ଦରପୁର ଗ୍ରାମର ବାଉଁଶକଣା ସାହିରେ ରହୁଥିବା ଚମ୍ପା ଲାକ୍ରା(୭୫) ଗୁରୁବାର ଅପରାହ୍ନରେ ନିକଟସ୍ଥ ବ୍ରାହ୍ମଣୀ ନଦୀ ପଟେ ଯାଇ ଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଶୁକ୍ରବାର ଭୋର ଗ୍ରାମର ଲୋକମାନେ ନଦୀ ଯାଇ ଥିବାବେଳେ ନଦୀ କୂଳରେ କେହି ଜଣେ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ।

### ଦେବଗଡ଼ ଚିକିତ୍ସାଳୟରେ ନୂତନ ସିଟିସ୍କାନ୍ ଉଦ୍‌ଘାଟିତ

ଦେବଗଡ଼, ୨୧।୪(ଡି.ଏନ.ଏ): ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଏକ ସିଟି ସ୍କାନକୁ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଫିତା କାଟି ଉଦଘାଟନ କରିଥିଲେ। ଏହା ନିଃଶୁଳ୍କ ନିରୂପଣ ସେବା ପାଇ ପାରିବେ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସାଧନା ଦାଶ, ମନୋରଞ୍ଜନ ସାମଲ, ପ୍ରଭାତ କୁମାର ଓଝା, ପ୍ରୋଗ୍ରାମ ମ୍ୟାନେଜର ଉମେଶ ଚନ୍ଦ୍ର ଷଡଙ୍ଗୀ, ଡେପୁଟି ମ୍ୟାନେଜର ଜ୍ୟୋତ୍ସ୍ନା ଶର୍ମା ଓ ଚିକିତ୍ସାଳୟର କର୍ମଚାରୀ ଉପସ୍ଥିତ ଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଉକ୍ତ ସିଟି ସ୍କାନ ପାଇଁ ଜିଲାରେ ନେତା ନେତ୍ରୀମାନେ ମୁଁ ଆଣିଛି ସେ ଆଣିଛି ବୋଲି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ ଓ ଜୋରଦାର ଚର୍ଚ୍ଚା ମଧ ଚାଲିଥିଲା। କିନ୍ତୁ ଆସିବାର ତିନି ମାସ ପର୍ଯ୍ୟନ୍ତ ସିଟି ସ୍କାନ ଚାଲୁ ହୋଇପାରି ନ ଥିଲା। ତାପରେ ବିଭିନ୍ନ ସଙ୍ଗଠନ ଓ ନେତାମାନେ କାର୍ଯ୍ୟକାରୀ କରିବା ପାଇଁ ସିଡିଏମ୍‌ଓଙ୍କୁ ଦାବିପତ୍ର ମଧ ଦେଇଥିଲେ। କିନ୍ତୁ କୁଆଡ଼େ ଶୁକ୍ରବାର ଉକ୍ତ ସିଟି ସ୍କାନକୁ ଜିଲାପାଳ ଆସି ଉଦ୍‌ଘାଟନ କରିଥିଲେ। କିନ୍ତୁ ଜିଲାର ବୁଦ୍ଧିଜୀବୀ, ବିଧାୟକ, ଏମପି ନେତା ନେତ୍ରୀ କାହାକୁ ବି ସୂଚନା ନ ଦେଇ ତରବରିଆ ଭାବରେ ଉଦ୍‌ଘାଟନ କରି ଜିଲାପାଳ ଟୁଇଟରରେ ଟୁଇଟ କରି ଦେଇ ନିଜ କାମ ସାରି ଦେଇଥିବା ଦେଖିବାକୁ ମିଳିଛି। ଉକ୍ତ ବିଷୟରେ ଡିଆଇପିଆର୍‌ଓ ମନୋରଞ୍ଜନ ସୁତାରଙ୍କୁ ପଚାରିବାରୁ କଣ ପାଇଁ ଗଣମାଧମକୁ ଡକାଯାଇ ନାହିଁ ସେ କହିଲେ ଆପଣ ସିଡିଏମଓଙ୍କୁ ପଚାରନ୍ତୁ। ମୋତେ ଉଦଘାଟନ ପାଇଁ କୌଣସି ଚିଠି ଆସିନାହିଁ। ସେଥିପାଇଁ ମିଡ଼ିଆକୁ ଜଣାଇ ନାହିଁ ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସାଧନା ଦାଶ କହନ୍ତି ଯେ ଏଇଟା ୭ ଦିନ ହେବ ଟ୍ରାଇଲ ଚାଲିଥିଲା ଜିଲାପାଳ ଦେଖି ଆସିଥିଲେ ସେମିତି ଉଦଘାଟନ କରି ନାହାନ୍ତି ବୋଲି କହିଥିଲେ।

# ଜିଲା ଅମଲା ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ସୁନ୍ଦରଗଡ଼,୨୧।୪(ଡି.ଏନ.ଏ.)


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାଜ୍ୟ ମିଳିତ ଅମଲା ମଞ୍ଚର ନିଷ୍ପତ୍ତି କ୍ରମେ ସୁନ୍ଦରଗଡ଼ ଜିଲା ମିଳିତ ଅମଲା ମଞ୍ଚ ତରଫରୁ ଶୁକ୍ରବାର ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ଡା.ପରାଗ ହର୍ଷଦ ଗାଭାଲିଙ୍କୁ ପ୍ରଦାନ କରାଯାଇଛି। ଅମଲାମାନେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ଦାବି ନେଇ ସ୍ଲୋଗାନ ଦେଇଥିଲେ। ଏହି ଦାବିପତ୍ରରେ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଥାଇ ମଧ ଏ ପର୍ଯ୍ୟନ୍ତ ଦରମା ବୃଦ୍ଧି ହୋଇ ନ ଥିବାରୁ କ୍ଷୋଭ ପ୍ରକାଶ କରାଯାଇ ଗ୍ରେଡ ପେ ୪୨୦୦(କନିଷ୍ଠ ଅମଲାଙ୍କ ପାଇଁ)ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଅମଲା ମଞ୍ଚ ସୁନ୍ଦରଗଡର ଡାକରାରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଅମଲା ଯୋଗ ଦେଇଥିଲେ। ଏହି ଦାବିପତ୍ର ପ୍ରଦାନ ବେଳେ ଓଡ଼ିଶା ମିଳିତ ଅମଲା ମଞ୍ଚର ଆବାହକ ପ୍ରଦୀପ୍ତ ମହାନ୍ତି, ଜିଲା ସ୍ତରୀୟ ମିଳିତ ଅମଲା ମଞ୍ଚର ଉପଦେଷ୍ଟା ପ୍ରଦୀପ କୁମାର ବହିଦାର, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ପଟେଲ, ଓଡ଼ିଶା ଅମଲା ସଂଘ ସୁନ୍ଦରଗଡ଼ ଶାଖାର ସମ୍ପାଦକ ପ୍ରଭାସ ଚନ୍ଦ୍ର ମିଶ୍ର, ଓଡ଼ିଶା ରାଜସ୍ୱ ଅମଲା ସଂଘ ସୁନ୍ଦରଗଡ ଶାଖାର ସମ୍ପାଦକ ଦେବେନ୍ଦ୍ର କୁମାର ପତି ଉପସ୍ଥିତ ଥିଲେ। ଆଗାମୀ ଦିନରେ ମିଳିତ ଅମଲା ମଞ୍ଚ ରାଜ୍ୟ ଶାଖା ନିର୍ଦ୍ଦେଶ ଅନୁସାରେ ପରବର୍ତ୍ତୀ କାର୍ଯ୍ୟକ୍ରମ ହାତକୁ ନେବାକୁ ସ୍ଥିର ହୋଇଛି। ସମସ୍ତ ଅମଲା ଏକଜୁଟ ହୋଇ ନିଜର ହକ ପାଇଁ ଲଢ଼େଇ ଜାରି ରଖିବାକୁ ଆହ୍ୱାନ ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମକୁ ପାନପୋଷ ଉପଖଣ୍ଡରୁ ଧର୍ମଜୀତ ସାହୁ ଓ ଜ୍ୟୋତିପ୍ରକାଶ ଶତପଥୀ, ବଣେଇ ଉପଖଣ୍ଡରୁ ସଞ୍ଜୟ ଦେଓ ଓ ସଞ୍ଜୟ ବ୍ରହ୍ମ ନେତୃତ୍ୱ ନେଇଥିଲେ। ସୁନ୍ଦରଗଡ ସଦର ଉପଖଣ୍ଡରୁ ଓମ ପ୍ରକାଶ ମିଶ୍ର, ପ୍ରବୀର କୁମାର ନାଏକ, ମୋହନ ଲାଲ ନାଏକ, କୌତୁକ ମେହେର, କୃଷ୍ଣଚନ୍ଦ୍ର ବେହେରା, ସୁବାଶିଷ ପ୍ରଧାନ, ବିଭୂତି ଧର, ରଶ୍ମିତା ବେହେରା, ଆଲିସା ପଟେଲ,ମୁକ୍ତା ଚୌଧୁରୀ, ବର୍ଷା ଅଗ୍ରୱାଲ, ପ୍ରେମଚାନ୍ଦ ପ୍ରଧାନ ପ୍ରମୁଖ ବରିଷ୍ଠ ସଭ୍ୟାସଭ୍ୟ ନେତୃତ୍ୱ ନେଇଥିଲେ।

# ପୋଲିସକୁ ପିସ୍ତଲ ଦେଖାଇ ଅଭିଯୁକ୍ତ ଫେରାର

ବଡ଼ଗାଁ, ୨୧।୪(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ସମ୍ମୁଖରେ କିଛି ଦୁର୍ବୃତ୍ତ ଗୁରୁବାର ବୋଲେରୋରେ ଆସି ଏକ ବାଛୁରୀକୁ ଧକ୍କା ଦେଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ କୁତ୍ରା ଥାନା ପୋଲିସ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କଲାବେଳେ ଦୁର୍ବୃତ୍ତମାନେ ପୋଲିସ ଉପରକୁ ଗାଡ଼ି ମଡ଼ାଇବାକୁ ଚେଷ୍ଟା କରି ଫେରାର ହୋଇଯାଇଥିଲେ। ଏହି ଘଟଣାରେ କୁତ୍ରା ପୋଲିସ ବଡ଼ଗାଁ ଥାନାରେ ଅଭିଯୋଗ କରିଛି।

ପୋଲିସ ସୂଚନା ଅନୁଯାୟୀ, ଖତକୁରବାହାଲ ଗାଁରେ କିଛିମାସ ତଳେ ପଥର ମାଡ଼ ଘଟଣାର ଅଭିଯୁକ୍ତ ଥିବା କେତେକ ବ୍ୟକ୍ତି ଏକ ବୋଲେରୋରେ ବଡ଼ଗାଁ ଅଞ୍ଚଳକୁ ଆସିଥିବା ନେଇ କୁତ୍ରା ପୋଲିସକୁ ସୂଚନା ମିଳିଥିଲା। ସୂଚନା କ୍ରମେ କୁତ୍ରା ଥାନା ଏସ୍‌ଆଇ ସଚିନ୍ଦ୍ର ସିଂ, ଏଏସ୍‌ଆଇ ବି. ସାହୁ, କନଷ୍ଟେବଲ ଆର.କେ. ବେହେରା, ଏସ୍ ଡୁଙ୍ଗଡୁଙ୍ଗ ଏବଂ ବଡ଼ଗାଁ ଥାନା ପୋଲିସ ଅଭିଯୁକ୍ତମାନଙ୍କୁ ଖୋଜିବାବେଳେ ଅଭିଯୁକ୍ତମାନେ ଫେରାର ହେବାକୁ ଉଦ୍ୟମ କରିଥିଲେ। ଚାରିପଟୁ ପୋଲିସ ଘେରିଥିବା ଜାଣି ଅଭିଯୁକ୍ତମାନେ ରାଜ୍ୟ ରାଜପଥକୁ ଆସିଥିଲେ। ବଡ଼ଗାଁ ଥାନା ସମ୍ମୁଖରେ ପୋଲିସ ଜଗି ରହିଥିବା ଦେଖି ସେମାନେ ଦ୍ରୁତବେଗରେ ପଛକୁ ଗାଡ଼ି ନେଲାବେଳେ ପୋଲିସ ଗାଡ଼ିକୁ ଧକ୍କା ଦେଇଥିଲେ। ପଛକୁ ଗାଡ଼ି ନେଇ ଫେରାର ହେବା ସମ୍ଭବ ନ ହେବାରୁ ପୁଣି ସେମାନେ ଦ୍ରୁତଗତିରେ ଯାଇ ଏକ ବାଛୁରୀକୁ ଧକ୍କା ଦେଇଥିଲେ ଏବଂ ପୋଲିସକୁ ପିସ୍ତଲ ଦେଖାଇ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ୪ପୋଲିସ ନିଶ୍ଚିତ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିବା ଏସ୍‌ଆଇ ସଚିନ୍ଦ୍ର ସିଂ କହିଛନ୍ତି।

# ଇଦ୍‌ଗା ମଇଦାନ ପରିଦର୍ଶନ କଲେ ବିଧାୟକ


ବିଧାୟକ ଇଦ୍‌ଗା ପଡିଆରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ରାଉରକେଲା ଅଫିସ,୨୧।୪

ସୁନ୍ଦରଗଡ଼ ଜିଲା ଯୋଜନା ବୋର୍ଡ କମିଟି ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଶୁକ୍ରବାର ରାଉରକେଲା ପ୍ଲାଣ୍ଟସାଇଡ୍ ମହତାବ ରୋଡ୍ ସ୍ଥିତ ଇଦ୍‌ଗା ପଡିଆ ପରିଦର୍ଶନ କରିଛନ୍ତି। ଶନିବାର ଇଦ୍ ପର୍ବ ଉପଲକ୍ଷେ ଇଦ୍‌ଗା ମଇଦାନରେ ସାମୂହିକ ନମାଜ ପାଠ ହେବାକୁ ଥିବାବେଳେ ବିଧାୟକ ନାୟକ ପଡିଆର ସ୍ଥିତି ପରିଦର୍ଶନ କରିଥିଲେ। ସେ ସ୍ଥାନୀୟ ଇଦ୍‌ପର୍ବ ଆୟୋଜନକାରୀଙ୍କ ସହ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ରାଉରକେଲା ଅତିରିକ୍ତ ଏସ୍‌ପି ସଂଗ୍ରାମ କେଶରୀ ଭୋଇ, ପ୍ଲାଣ୍ଟସାଇଡ୍ ଥାନାଧିକାରୀ ସନ୍ତୋଷ କୁମାର ଜେନା ଉପସ୍ଥିତ ଥିଲେ। ଟ୍ରାଫିକ୍ ଓ ସୁରକ୍ଷା ବ୍ୟବସ୍ଥା ବିଷୟରେ ବିଧାୟକ ପ୍ରଶାସନିକ ଅଧିକାରୀଙ୍କ ସହ ବିଚାରବିମର୍ଶ କରିଥିଲେ। ନମାଜ ପଢିବା ସମୟରେ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ପିଇବା ପାଣି, ମଇଦାନରେ ବ୍ଲିଚିଂ ପାଉଡର ସିଞ୍ଚନ, ସଫାସୁତୁରା ସହ ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ କରିବା ଉପରେ ଆଲୋଚନା ହୋଇଥିଲା। ବିଜେଡି ଯୁବନେତା ଗୁଡ୍ଡୁ ସୁନାର, ଶମଶେର ଅଲ୍ଲୀ, ଏନ୍. ଖାନଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ୭ଦଫା ଦାବିରେ ତହସିଲ ଅଫିସ ଘେରିଲା କମ୍ୟୁନିଷ୍ଟ ପାର୍ଟି


କମ୍ୟୁନିଷ୍ଟ ପାର୍ଟିର କର୍ମୀମାନେ ତହସିଲ ଅଫିସ ଘେରାଉ କରିଛନ୍ତି।

ହେମଗିର,୨୧।୪(ଡି.ଏନ.ଏ.)

ଆଦିବାସୀ ଓ ପାରମ୍ପରିକ ବନବାସୀଙ୍କୁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଜମିପଟ୍ଟା ପ୍ରଦାନ ଦାବି ନେଇ କମ୍ୟୁନିଷ୍ଟ ପାର୍ଟି ତରଫରୁ ଶୁକ୍ରବାର ସୁନ୍ଦରଗଡ ଜିଲା ହେମଗିର ତହସିଲ ଅଫିସ ଘେରାଉ କରାଯାଇଥିଲା। ଦଳର କର୍ମୀମାନେ ହେମଗିର ଦୁର୍ଗା ମଣ୍ଡପରୁ ଏକ ରାଲିରେ ନଗର ପରିକ୍ରମା କରି ହେମଗିର ତହସିଲ କାଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସୁନ୍ଦରଗଡ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡିକ ଶୀଘ୍ର ପୂରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। କମ୍ୟୁନିଷ୍ଟ ପାର୍ଟି ବସୁନ୍ଧରା ଅଞ୍ଚଳର ସମ୍ପାଦକ ରାଧେଶ୍ୟାମ ଗଡ଼ତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର କମ୍ୟୁନିଷ୍ଟ ଜନନେତା ରାଜେନ୍ଦ୍ର ନାଏକ, ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ, ଏଆଇଟିୟୁସି ରାଜ୍ୟ ସଭାପତି ତଥା ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଅଶୋକ ଦାଶ, ପାର୍ଟିର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଡାକ୍ତର ପ୍ରଶାନ୍ତ ମିଶ୍ର, ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି, ସିପିଆଇ ନେତା ରମେଶ ତ୍ରିପାଠୀ, ଅଖିଳ ଭାରତ ଯୁବ ସଂଘ ନେତା ନରେଶ ମେହେର, ସରପଞ୍ଚ ପୁରବୀ ନାଏକ, ସିପିଆଇ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ଓ ଏଆଇଟିୟୁସି ଜିଲା ସମ୍ପାଦକ ସଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପଥରମାଡ଼ ଘଟଣାରେ ୨ ଗିରଫ

କୁତ୍ରା,୨୧।୪(ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଧୀନ ଖତକୁରବାହାଲ ସ୍ଥିତ ଚୂନପଥର ଖଣିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପଥରମାଡ ହୋଇଥିଲା। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଖତକୁରବାହାଲ ଗ୍ରାମର ଏମ୍‌ଡି ଅରସିଫ (୩୨) ଓ ଏମ୍‌ଡି ହସନ (୩୦)। ସୂଚନା ଅନୁସାରେ, ଗତ ୬ ତାରିଖରେ ଖଣି ପରିସରରେ ଗାଡି ଲୋଡିଂକୁ ନେଇ ବିବାଦ ହୋଇଥିଲା। କିଛି ସମୟ ଗଣ୍ଡଗୋଳ ହେବା ପରେ ସ୍ଥିତି ଶାନ୍ତ ପଡିଥିଲା। କିନ୍ତୁ ଏହି ଘଟଣାକୁ ନେଇ ସନ୍ଧ୍ୟାରେ ପଥର ମାଡ଼ ହୋଇଥିଲା। ଏଥିରେ ୨ଜଣ ଆହତ ହୋଇଥିଲେ। ପରେ ପୋଲିସ ଘଟଣାସ୍ଥଳକୁ ଯାଇ ସ୍ଥିତି ନିୟନ୍ତ୍ରଣ କରିଥିଲା।

# ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ଦେବଗଡ଼,୨୧।୪(ଡି.ଏନ.ଏ.)

ଦେବଗଡ଼ ଥାନା ଅନ୍ତର୍ଗତ ମାକରମୁଣ୍ଡା ବୈଷ୍ଣବପାଲି ରାସ୍ତାରେ ଶୁକ୍ରବାର ଏକ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅପରାହ୍ନରେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳର ଲିଟନ ଆୟଚ ନାମକ ଜଣେ ଯୁବକ ଏକ ବାଇକ୍ ଯୋଗେ ମାକରମୁଣ୍ଡାବୈଷ୍ଣବପାଲି ରାସ୍ତାରେ ଯାଉଥିବା ସମୟରେ ଅନତି ଦୂରରେ ଏକ ହାଇୱା ଟ୍ରକ ଏକ ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ଫଳରେ ଟ୍ରାକ୍ଟର ଚାଳକ ଭାରସାମ୍ୟ ହରାଇବା ସହ ଲିଟନଙ୍କୁ ଧକ୍କା ଦେବାରୁ ଲିଟନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଚିକିତ୍ସା ନିମନ୍ତେ କଣ୍ଢେଇ ସ୍ଥିତ ଏକ ଘରୋଇ ନର୍ସିଂ ହୋମରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବଗଡ଼ ଆଦର୍ଶ ଥାନା ପୋଲିସ ଲିଟନଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସଂରକ୍ଷିତ ରଖିବା ସହ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ବାଳିକା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ

ଦେବଗଡ଼, ୨୧।୪ (ଡି.ଏନ.ଏ.)



ରୌପ୍ୟଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ତିଲେଇବଣି ବ୍ଲକ କଂସର ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏକଲବ୍ୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନୀତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଦିବାସୀ ବ୍ୟାପର ଓ ଜଳଶକ୍ତି ବିଭାଗର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ମୁଖ୍ୟବକ୍ତା ଭାବେ ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରୀଜି ମହାରାଜ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ମାନପତ୍ର ସହ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହିରଣ୍ମୟୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଜାମିନୀ ଧଳ ମଞ୍ଚ ପରିଚାଳନା କରିଥିବା ବେଳେ ଗଣିତ ଶିକ୍ଷକ ଆଲୋକ ରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଦେବଗଡ଼, ୨୧।୪(ଡି.ଏନ.ଏ.)

**ବୈଠକରେ ଯୋଗଦେଲେ ନାହିଁ ଜିଲାପାଳ**

କେନ୍ଦ୍ର ଜଳ ଶକ୍ତି ଓ ଆଦିବାସୀ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଶୁକ୍ରବାର ଦେବଗଡ଼ ଗସ୍ତରେ ଆସିଥିଲେ। ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କେନ୍ଦ୍ର ମନ୍ତ୍ରୀ ଟୁଡୁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ଟୁଡୁ ଜିଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟପଟେ ଦେବଗଡ଼ ଜିଲାପାଳ ସୋମେଶ ଉପାଧ୍ୟାୟ ତାଙ୍କର କାର୍ଯ୍ୟାଳୟରେ ଉପସ୍ଥିତ ଥାଇ ମଧ ଉକ୍ତ ସମୀକ୍ଷା ବୈଠକରେ ଯୋଗ ଦେଇ ନ ଥିବା କେନ୍ଦ୍ର ମନ୍ତ୍ରୀ ଟୁଡୁ ପ୍ରକାଶ କରିଥିଲେ। ଜିଲାପାଳ ଉପାଧ୍ୟାୟ ସମୀକ୍ଷା ବୈଠକରେ ଯୋଗ ଦେଇ ନ ଥିବାବେଳେ ଏହା ମନ୍ତ୍ରୀ ଟୁଡୁଙ୍କୁ ଖୁବ ବ୍ୟଥିତ କରିବା ସହିତ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ମଧ ଜନପ୍ରତିନିଧିମାନଙ୍କୁ କୌଣସି ସୂଚନା ପ୍ରଦାନ କରାଯାଉ ନାହିଁ। ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ ଠିକ ଭାବେ ତଥ୍ୟ ମଧ ଉପସ୍ଥାପନା କରି ପାରି ନ ଥିବାବେଳେ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହିତ ଜିଲାରେ କେମିତି ବିକାଶ ଚାଲିଛି ସେ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ମନ୍ତ୍ରୀ ଟୁଡୁ କହିଥିଲେ। ବୈଠକରେ ଅନୁମୋଦକ କରାଯାଉଥିବା ସମନ୍ୱିତ ଯୋଜନା ସଫଳ ଯେପରି ତୃଣମୂଳ ସ୍ତରରେ ପହଞ୍ଚି ପାରିବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କ ବିଭିନ ସମସ୍ୟା ସମାଧାନ ନିମନ୍ତେ ପ୍ରୟାସ କରିବା ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଟୁଡୁ ପରାମର୍ଶ ଦେଇଥିଲେ। ବୈଠକରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ମଲ୍ଲିକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ।

# ପ୍ରାଣୀ ଜନ୍ମ ନିୟନ୍ତ୍ରଣ ଯୋଜନା ବାଟବଣା

**ରାଉରକେଲା ସହରରେ ବୁଲୁଛନ୍ତି ପାଲ ପାଲ କୁକୁର**

ରାଉରକେଲା ଅଫିସ,୨୧।୪




ଛେଣ୍ଡରେ ପାଣି ଅଭାବରୁ ଡହଳବିକଳ ବୁଲା କୁକୁର। ରାଉରକେଲା ପ୍ରାଣୀ ବନ୍ଧ୍ୟାକରଣ ଯୋଜନା କେନ୍ଦ୍ର।

ବୁଲା କୁକୁର ଜନ୍ମହାର ନିୟନ୍ତ୍ରଣ ପାଇଁ ରାଉରକେଲା ସରକାରୀ ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ସହରରେ ଆନିମଲ ବାର୍ଥ କଣ୍ଟ୍ରୋଲ (ଏବିସି) ଯୋଜନା ଚାଲିଛି। ଏହି ଯୋଜନା ୨୦୧୨ରେ ଆରମ୍ଭ ହୋଇଥିଲେ ମଧ ରାଉରକେଲା ସହରରେ ଆଶାନୁରୂପ ସଫଳତା ମିଳି ନ ଥିବା ଅଭିଯୋଗ ହୋଇଛି।

ଯୋଜନା ମୁତାବିକ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ପାଇଁ ୧୫ଲକ୍ଷ ଟଙ୍କା ବ୍ୟୟ ବରାଦରେ ଏବିସି କେନ୍ଦ୍ର ଅସ୍ତ୍ରୋପଚାର ଓଟି ଓ ୪୦ କେନେଲ ନିର୍ମାଣ କରାଯାଇଥିଲା। ବିଭାଗୀୟ ତଥ୍ୟ ଅନୁସାରେ ୨୦୧୨ରେ ରାଉରକେଲା ସହରରେ ୨୦ ହଜାର ବୁଲା କୁକୁର ଥିଲେ। ୨୦୨୩ ମାର୍ଚ୍ଚ ସୁଦ୍ଧା ୪ହଜାର ୫ଶହ ବୁଲା କୁକୁରଙ୍କ ଅସ୍ତ୍ରୋପଚାର ହୋଇଛି। ସହରରେ ଏବେ ୧୦ହଜାର ବୁଲା କୁକୁର ରହିଥିବା କୁହାଯାଉଥିବା ବେଳେ ଏହାଠାରୁ ଅଧିକ ବୁଲା କୁକୁର ଥିବା ସହରବାସୀ କହୁଛନ୍ତି। ଛେଣ୍ଡର ବୁଲା କୁକୁର ରକ୍ଷକ ଜ୍ୟୋତିରଞ୍ଜନ ପଧାନ କୁହନ୍ତି, ରାଉରକେଲା ସହରରେ ବୁଲା କୁକୁର ଜନ୍ମହାର ନିୟନ୍ତ୍ରଣ ଯୋଜନା ବାଟବଣା ହୋଇଛି। କୁକୁର ରାସ୍ତାରେ ଗଡୁଛନ୍ତି। ଟିକାକରଣ ଅଭାବରୁ ବୁଲା କୁକୁରଙ୍କ ଦେହରେ ଘା' ହେଉଛି। ସେମାନେ ଖାଦ୍ୟ ଓ ପାଣି ଅଭାବର ସମ୍ମୁଖୀନ ହେଉଛନ୍ତି। ହକି ବିଶ୍ୱକପ୍ ପୂର୍ବରୁ ସବୁଠି ବ୍ୟାରିକେଡ ଲାଗିଲା। ଏପରିକି ସହରର ପୋଖରୀ ଗୁଡିକରେ ମଧ ବ୍ୟାରିକେଡ ଲଗାଗଲା। ବ୍ୟାରିକେଡ ଯୋଗୁ ବର୍ତ୍ତମାନ ପ୍ରଚଣ୍ଡ ଖରାରେ ବୁଲା କୁକୁର ପାଣି ଟିକେ ପାଉନାହାନ୍ତି। ଏଭଳି ଦୃଶ୍ୟ ଛେଣ୍ଡ, ବାସନ୍ତୀ ନଗର, ଟାଉନସିପ ଅଞ୍ଚଳରେ ଦେଖିବାକୁ ମିଳିଛି। ଯେପର୍ଯ୍ୟନ୍ତ ଯୋଜନା ସହ ସ୍ଥାନୀୟ ଲୋକ ଜଡିତ ହୋଇନାହାନ୍ତି ସେପର୍ଯ୍ୟନ୍ତ ଏହା ସଫଳ ହୋଇପାରିବ ନାହିଁ ବୋଲି ପଧାନ କହିଥିଲେ। ସେହିପରି ଛେଣ୍ଡର ଅନ୍ୟ ଜଣେ ବୁଲା କୁକୁର ରକ୍ଷକ ଅଂଶୁମାନ ରଣା କୁହନ୍ତି, ବିଭାଗ ବୁଲା କୁକୁରଙ୍କୁ ଯେଭଳି କାବୁ କରିବା କଥା ତାହା କରୁନି। କୁକୁର ବେକରେ ଟାଣ ତାର ବାନ୍ଧି କାବୁ କରୁଛି। ଫଳରେ ସେମାନେ ଆଘାତ ପାଉଛନ୍ତି। ବନ୍ଧ୍ୟାକରଣ କରାଯାଇଥିବା କୁକୁର ପୁଣି ଗର୍ଭବତୀ ହେବା ସହ ଛୁଆ ଜନ୍ମ କରୁଛନ୍ତି। ବିଭାଗ ପାଖରେ ଏକମାତ୍ର ଡଗ୍ କ୍ୟାଚ୍ ଯାନ ରହିଛି। ରାଉରକେଲା ସହରରେ ବୁଲା କୁକୁର ସମ୍ପୂର୍ଣ୍ଣ ଅସୁରକ୍ଷିତ। ଯୋଜନା ଆରମ୍ଭ ହେବାର ୧୦ବର୍ଷ ହେଲାଣି, ବୁଲା କୁକୁରଙ୍କ ବନ୍ଧ୍ୟାକରଣରେ ୧୦୦ପ୍ରତିଶତ ସଫଳତା ହାସଲ କରିବାରେ ବିଭାଗ ବିଫଳ ହୋଇଥିବା ରଣା କହିଥିଲେ। ଏ ସମ୍ପର୍କରେ ରାଉରକେଲା ଏସ୍‌ଡିଭିଓ ପ୍ରସନ୍ନ କୁମାର ମହାରଣାଙ୍କୁ ପଚାରିବାରୁ ସେ କହିଲେ, ସହରରେ ୨୦୧୨ରୁ ଏବିସି ଯୋଜନା କାର୍ଯ୍ୟକାରୀ ହେଲା। ବୁଲା କୁକୁର ଜନ୍ମହାର ନିୟନ୍ତ୍ରଣ ଠିକ୍ ଭାବେ ଚାଲିଛି। ବର୍ତ୍ତମାନ ସୁଦ୍ଧା ୪ହଜାର ୫ ଶହ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ହୋଇଛି। ସେମାନଙ୍କୁ କାବୁ କରିବା ପାଇଁ ନେଟ୍ ଓ ଲୁପ୍ ବ୍ୟବହାର ହେଉଛି। ନୂତନ ଡଗ୍ କ୍ୟାଚ୍ ଯାନ ପାଇଁ ପ୍ରସ୍ତାବ ଗୃହୀତ ହୋଇସାରିଛି। ମାସେ ମଧ୍ୟରେ ନୂତନ ଯାନ ଆସିବ। ଏବିସିରେ ଭେଟେନାରୀ ଡାକ୍ତର ନ ଥିଲେ, ବର୍ତ୍ତମାନ ଡାକ୍ତର ଯୋଗ ଦେଇଛନ୍ତି। ଅସ୍ତ୍ରୋପଚାର ପରେ ବୁଲା କୁକୁର ପୁନଃ ଗର୍ଭବତୀ ହେବା ବିଷୟ ଅଯୁକ୍ତିକର ବୋଲି ସେ କହିଥିଲେ।

